ଗୋପୀନାଥ ମହାନ୍ତିଙ୍କ

ନୂଆ ଧଇଁଲିଷା

ନବମାଳିକା

ଅଧ୍ୟାପକ— ଶ୍ରୀ କୁଞ୍ଜବିହାରୀ ଦାଶ ଏମ୍. ଏ.

Digitized by srujanika@gmail.com

ମୁଦ୍ରାକର ଓ ପ୍ରକାଶକ:—

ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା

ଶଂଖଯନ୍ତ୍ରୀ ପ୍ରେସ,

ବ୍ରହ୍ମପୁର (ଗଞ୍ଜାମ)

ପ୍ରଥମ ସଂସ୍କରଣ—୧୫୦୦

୧୯୫୧

Digitized by srujanika@gmail.com

ସୂଚୀ

	ବିଷୟ	ପୃଷ୍ଠା
୧	ଲଙ୍କା ବିଜୟୀ	୧
୨	ମାନସତୀର୍ଥ	୪
୩	ସେନାପତି ବିଷ୍ଣୁଶର୍ମା	୧୨
୪	ବାପୁଜୀଙ୍କ ଅନୁରୋଧ	୧୬
୫	କବିତା ଓ କଙ୍କାଳ	୧୮
୬	ମୀର୍ ମାକ୍‌ବୁଲ୍ ସେର୍‌ଓ୍ୱାନୀ	୨୦
୭	ଶିବାଜୀଙ୍କ ଗର୍ବ	୨୩
୮	ମହାତ୍ମା ତିଳକ	୨୫
୯	ମନ୍ଦିର ନଗର	୨୭
୧୦	ବିପ୍ଳବୀ କବି ଦୀନକୃଷ୍ଣ	୩୩
୧୧	ବୀରପରୀକ୍ଷା	୩୬
୧୨	ବିଦ୍ରୋହୀ ମଙ୍ଗଳ ସିଂହ	୪୦
୧୩	ଗୋହ୍ରବାଟିକାର	୪୪
୧୪	ବୀର ଜନନୀ	୪୬
୧୫	ଶ୍ରମର ଗୌରବ	୪୯
୧୬	ବୁଦ୍ଧଙ୍କ ଆଶୀର୍ବାଦ	୫୨
୧୭	ପୁରସ୍କାର	୫୫
୧୮	ରକ୍ତଦାଅ	୫୮
୧୯	ଶ୍ରମିକର ଭଗବାନ୍	୬୬
୨୦	ସୂଚନା	୧-୧୦

Digitized by srujanika@gmail.com

ମୁଖବନ୍ଧ

ମୋ ଜାତିର ଅନ୍ନ ବସ୍ତ୍ରହୀନ ଦୁର୍ବଳ କଙ୍କାଳକୁ ଯେତେବେଳେ ଦେଖେ, ଆତ୍ମବିସ୍ମୃତ ତରୁଣ, ବିଳାସୀ ଅଳସ ଧନିକ, ଶୋଷକ ସାହୁକାର, ଅର୍ଥଲୋଭୀ ବ୍ୟବସାୟୀ, ସୁବିଧାବାଦୀ ନେତା, ମାମଲତଖୋର ମାମଲତକାରଙ୍କୁ ଯେତେବେଳେ ଦେଖେ, ସେତେବେଳେ ମୋ ମନରେ ଆସେ ବିପ୍ଳବ । ଏ ସମାଜଟାର ବସ୍ତୁତ କିଛି ଓଲଟ ପାଲଟ କରିଦେବାକୁ ଇଚ୍ଛା ହୁଏ । ବୀରତ୍ୱ ମହତ୍ତ୍ୱ ଓ ମନୀଷାରେ ବରିଷ୍ଠ ଏ ଜାତିର ଦୁର୍ଦ୍ଦଶା ନୟନରେ ଅଶ୍ରୁ ଆଣେ ନାହିଁ; ଆଣେ ଅଗ୍ନି । ମୋ ଦେଶର [illegible] ତରୁଣ ତରୁଣୀମାନଙ୍କ ଅନ୍ତରରେ [illegible] ଅଗ୍ନି ଜାଳି ଦେବାପାଇଁ 'ବୀରଶ୍ରୀ' ରେ ପ୍ରଚେଷ୍ଟା କରିଥିଲି । ଉଜ୍ଜ୍ୱଳତମ ଅତୀତର ସନ୍ତାନ ସେମାନେ; ସେମାନଙ୍କ ମଧ୍ୟରୁ ବାହାରନ୍ତୁ ଦେଶପ୍ରାଣ ନେତା, ଉତ୍କୃଷ୍ଟ କଳାକାର, ଶ୍ରେଷ୍ଠ ଭାସ୍କର, ସତ୍ୟାନୁସନ୍ଧିତ୍ସୁ ଗବେଷକ, ନିଃସ୍ୱାର୍ଥପର ସମାଜସେବୀ, ଧୁରନ୍ଧର ବୈଜ୍ଞାନିକ ଏବଂ ବିଶ୍ୱପ୍ରସିଦ୍ଧ କବି । ଚିରନ୍ତନ ଉତ୍ସାହ, ଆତ୍ମଶକ୍ତି ଓ ଦୃଢ଼ ଆତ୍ମବିଶ୍ୱାସରେ ପ୍ରତିଷ୍ଠିତ ହୋଇ ସେମାନେ ଉନ୍ନତିପଥରେ ଗତି କରନ୍ତୁ । ବିଶ୍ୱର ଗତିଶୀଳ ଇତିହାସରେ ରହିଯାଉ ସେମାନଙ୍କ ଦେଶର ସୁବର୍ଣ୍ଣ ସ୍ୱାକ୍ଷର । ଅତୀତଠୁ ଉଜ୍ଜ୍ୱଳତର ହେଉ ବର୍ତ୍ତମାନ, ଉଜ୍ଜ୍ୱଳତମ ହେଉ ଭବିଷ୍ୟତ । ଏଇ ଆଶା ଓ ବିଶ୍ୱାସ ମୋତେ ଦେଇଥିଲା ପ୍ରେରଣା ।

Digitized by srujanika@gmail.com

୨ ବର୍ଷ ମଧ୍ୟରେ 'ବୀରଶ୍ରୀ'ର ୪ ଗୋଟି ସଂସ୍କରଣ ଶେଷ ହେବାର ଦେଖି ଭାରତୀୟ ଓ ଉତ୍କଳୀୟ ବୀରଗାଥା ଓ ଅତୀତ ଗୌରବର ଯେଉଁ ଅଂଶ ଅନ୍ତରକୁ ଆଲୋକିତ କରୁଥିଲା, ତାକୁ ରୂପ ଦେଲି 'ନବମାଳିକା'ରେ । 'ନବମାଳିକା' ଶ୍ରେଷ୍ଠ ଜୀବନ ଗଠନ ଲାଗି ଦେବ ପ୍ରେରଣା, ଦୁର୍ବଳ ଧମନୀରେ ଭରିବ ବୀର ଶକ୍ତିର ସଞ୍ଚାର, ଏ ବିଶ୍ୱାସ ମୋର ଅଛି ।

ଏ ପୁସ୍ତକର ପ୍ରଚ୍ଛଦପଟ ସଜାଇଛନ୍ତି କଳା ଭବନର ଉଦୀୟମାନ ଶିଳ୍ପୀ ଶ୍ରୀମାନ୍ ରବନାରାୟଣ ନାୟକ ! ସେଥିଲାଗି ସେ ଧନ୍ୟବାଦାର୍ହ ।

ତା ୧୫-୩-୫୧ }
ଶାନ୍ତିନିକେତନ } କୁଞ୍ଜବିହାରୀ ଦାଶ

ଉତ୍ସର୍ଗ

ଗାଆଁ ଗହଳର କବ ଥିଲ ନବ ଭାଇନା
ଯାବା ମେଲାକୁ ଆସୁଥିଲ କେତେ ବନ୍ଦନା ।
ଗଳାମାଳ କରେ ମହ୍ଲାର ପାଲ ଗାଆଣ
ତ୍ରିପଥାରେ ଦାଏ ପାନ୍ଧୁଆ ଓଠରେ ସାହାଣ ।
ଚଇତୀ ଘୋଡ଼ାରେ ଚଢ଼ି ତୁମେ ଅଗ ଆସନେ
ବାୟୁକର ଛିଣ୍ଡ ଥରଇ ତୁମର ଶାସନେ ।
ଡରୁଥିଲେ ଧନୀ ଜ୍ଞାନୀ ମାନୀ ତୁମ ଛୁଇଁକି
ଧାଉଁଥିଲେ ଦୁଃଖୀ ପଦେଟିଏ କଥା ପାଇଁକି ।
କପଟୀର ଅଗେ କୁହ କପଟର ମୂରୀ
ଭାଗ୍ୟ ତାହାର ଖସିଯାଏ ଯଦି ବରଛି ।
ସବଳର ଅଗେ ତରଳ ରଜତ ମୁକୁର
ଖୋଲିଦିଅ ଯେତେ ଗଳା ଅର୍ଗଳ କୁକୁର ।
ମାମଲତ ପାଶେ ଗାଆଁ ରଖିଥିଲ ଛିପରେ
ନିଶାପେ ସଭାର ବାସ୍ତୁ ରହେ ତୁମ ଉପରେ ।
ବସିଗଲେ ସଭା, ଗୃହଲଗିଲେ ପଣ୍ଡୁଆର-ଯେ
ଆଁ କଲେ ଶ୍ଳୋକ, ବାଗିଲେ ଅଗ୍ନି ସରଜେ ।
କେତେ ଝୁଲେଠେ ତୁମେ ଥିଲ କେତେ ବଡ ସଭରେ
ବସ୍ତୁତ ମସ୍ତକ ମହିମା ଗୋଟିଏ ଭବରେ ।

Digitized by srujanika@gmail.com

ଲୋକ ମୁଖେ ତୁମେ ହୋଇଥିଲ ବଡ ପୀୟୂଷ,
ସବୁ ଆଣିଥିଲ ଆଣି ତ ନ ଥିଲ ଆୟୁଷ ।
ଚାଲିଗଲ ଦିନେ କେହି ନ ଫେରିଲ ପୁଣିକି
ଚାହିଁ ସହେ ନାହିଁ ଭାଉଜ ହଜିଲ ଶିରୀକି ।
କାହିଁ ଥିବ ତୁମେ କେଉଁ ରୂପେ ଅଛ ଭାଇନା
ଉଡି ପାରିବ କି ତହିଁ ମୋ କବିତା ମଇନା ?
ସତେ କି ଯିବ ସେ ଏତେ ବାଟ କଳି କଳିକା
ବୁକୁ ବଗିଚାର ଲୁହ ଫୁଟା "ନବମାଳିକା ?

ତା ୨୫-୬-୫୧
ଶାନ୍ତିନିକେତନ

କୁଞ୍ଜବିହାରୀ ଦାଶ

ଲଙ୍କା ବିଜୟୀ

ଅପଣା ପାଦେ ହୋଇବି ଛୁରୀ ଉପରେ ଅଶ୍ରୁ ଶକ୍ତି,
ମରମ ତଳେ ବିଶ୍ୱାସ ମୋ କରମେ ଅନୁରକ୍ତ ।
ଖଡ୍‌ଗ କରେ, ବକ୍ଷେ ମୋର ସାହସ ବୀର ବର୍ମ,
ଷହିଲାଗି କି ଲୋଡ଼ା ଆଜ ? ସାଧିବି ସବୁ କର୍ମ ।
ଦୁର୍ଗମ ମୋ ଜୀବନ ପଥ, ବିପଦ ହାତେ ବନ୍ଦୀ,
ଝଞ୍ଜାରେ ମୁଁ ଲଗାମ୍ ଦେବ କରିବ ନାହିଁ ସନ୍ଧି ।
ସିଂହପୁର ସିଂହପିଲା ମନେ ମୋ ନାହିଁ ଶଙ୍କା
କର୍ଣ୍ଣଧାର, ବୋଇତ ବାହ, ଯିବାରେ ଯିବା ଲଙ୍କା ।

ସହିବି ନାହିଁ କୋଆଁର ପର ବିଜାର୍ଯ ଯେତେ ମର୍ଜି,
ନୂତନ ଭାବେ ସିଂହାସନେ ଷଁପିତା ଉଠେ ଗର୍ଜି ।

Digitized by srujanika@gmail.com

ସତ୍ୟ କଥା କହିଲେ ମିଳେ ମଣିଷେ ଯହିଁ ଯନ୍ତ୍ରା;
ସେ ରାଜ୍ୟରେ ଯୁବରାଜ ମୁଁ ଧିକ୍ ଧିକ୍ ମୋ ପନ୍ଥା ।
ଶାସନ ଯହିଁ ଶୃଗାଳେ ଚଳେ ମନ୍ଦମତି ମନେ,
ଠାବ ନାହିଁ ରେ ସିଂହଲଗି ସେହି ଖିଆଲି ତନେ ।
ଅଦେଖା ହାତ ଡାକଇ ତାର ମନରେ ନାହିଁ ଶଙ୍କା,
ବୋଇତଅଳ, ବୋଇତ ବାହି ଯିବା ରେ ଯିବା ଲଙ୍କା ।

ବିପଥେ ମୁହିଁ କହିଲେ ରାଜା ଯେ କଥା ଅତି ସତ୍ୟ,
ପନ୍ଥା ଧର ପ୍ରତିଭାଶାଳୀ [illegible] କେଉଁ ତଥ୍ୟ ?
ମୁକ୍ତି ଯହିଁ [illegible]ଏ ନା ତହିଁ ହେବାରେ ନାହିଁ ଛନ୍ଦା,
ମରଣ ଦାଣ୍ଡେ ତ ଜୀବନଟିକି ଦେବାରେ ପଛ ବନ୍ଧା ।
ବନ୍ଧାଏନା ସାଧବ ବୋହୂ, ବନ୍ଧର ଏ ସୂତ୍ର,
ଉର୍ମ୍ମିମାଳ ସାଗର ଉରେ ମୁକ୍ତ ବୁକେ ମୁକ୍ତ ।
ଫିଙ୍ଗିଦେବା ବିଧିର ପଦେ ଜୀବନ ନାହିଁ ଶଙ୍କା,
ଖୋଲ ରେ ପାଲ କର୍ଣ୍ଣଧାର ଯିବା ରେ ଯିବା ଲଙ୍କା ।

ତୋଫାନ ଉଠେ ଲକ୍ଷୁ ମେଘେ ବୋଇତ କରେ ନୃତ୍ୟ,
ଲହରୀ ରଥେ ପ୍ରଳୟ କହେ ଦେଖିବ କି ମୋ ନୃତ୍ୟ ?
ଯାତ୍ରୀଦଳ ଅଧରେ ତୃଷା, ଉଦରେ ନାହିଁ ଅନ୍ନ,

Digitized by srujanika@gmail.com

ସାହସ ମନୁଁ ପଡ଼ୁଛି ଖସି ଝାଉଁଳି ଅଛି ବର୍ଣ୍ଣ ।
ବିଜୟ ମନେ ବିଜୟୀ ତେଜ ଅଣର ନାହିଁ ଅନ୍ତ,
ସୂର୍ଯ୍ୟ ପରି ଉଦିତ ହେବା ସୂର୍ଯ୍ୟ ପରି ଅସ୍ତ ।
କୋଇଲା କହେ ପାହିଲା ରାତି ନାହିଁରେ ଅଉ ଶଙ୍କା,
ବିଜୟ କହେ ଝଟକେ ଦେଖ କନକାମୟୀ ଲଙ୍କା ।

ବୋଇତୁଁ ଆସି ସ୍ପର୍ଶ କହେ ଯାବୀ “ଜୟ ଶାନ୍ତି”,
ହଠାତ୍ ମନୁଁ ପଡ଼ିଇ ଖସି ଯାତ୍ରାର ସେ ଶ୍ରାନ୍ତି ।
ଝୁଟିଛି ଆସେ ଯକ୍ଷ ସେନା ବିଜୟୁଁ କହେ ଲକ୍ଷ୍ୟ,
ତୂର୍ଯ୍ୟବାଜି ଗର୍ଜନରେ ଉଠଇ ଫୁଲି ବକ୍ଷ ।
ଜୀବନ ଲଗି ଭୟାଳୁ ସିନା ବିପଦେ ଦିଏ ଭଙ୍ଗ,
ଢଲେକ ପଟେ ଧୁଆଁଇ କି ରଣି ସେ ମତେ ରଙ୍ଗ ?
ନିପାତ କରି ଯକ୍ଷ ସେନା ବିଜୟ ଦାଏ ଝଙ୍କା,
ଜୟ ହେ ଜୟ ସମ୍ରାଟ ହେ ବନ୍ଦେ ପଦେ ଲଙ୍କା ।

ତା ୧୦।୩।୪୯—ବାଲେଶ୍ୱର

Digitized by srujanika@gmail.com

ମାନସ ତୀର୍ଥ

କହିଲେ ଧୀବର [illegible] ମାନ ସରୋବରର ଜଳ
ଅଞ୍ଜଳି ଆଣି ଯେବେ ସବୁ ଶ୍ରମ ନିଷ୍ଫଳ
ସବୁ ଶ୍ରମ ନିଷ୍ଫଳ
କହେ ଗ୍ରନ୍ଥକାର ଅଛିନି ମାନସ ଜଳ ।
କହେ ସେନାପତି ଏଇଠାରେ ଗଲି ହାରି,
ବୋଲଇ ମନ୍ତ୍ରୀ "କର ଶଙ୍କର ପାରି"
ଶୁଣି ସକଳ ବ୍ରତି
ବଣିକ୍ ବଚନେ ସଭାସଦ କହେ 'ସତ' ।
ଗଙ୍ଗା ଯମୁନା ନର୍ମ୍ମଦା ଗୋଦାବରୀ
ପୁଷ୍କର ଆଉ ପ୍ରଭାସ ସଲିଳେ ଭରି
ସ୍ୱର୍ଣ୍ଣ କଳସୀ ଆଣିଚି ଦେଉଳ ପାଇଁ
ପୁରୋହିତ କହେ ହେବ ନାହିଁ, ହେବ ନାହିଁ

Digitized by srujanika@gmail.com

ସାତ ଦିନ ବାକୀ ଅଉ

ମଥା ନତ କରି   ଉତରେ ବୋଲଇ 'ଛାମୁଁ

ମାନଂ ସରୋବର ଜଳ ମୁଁ ପାଇବି କାହୁଁ ?"

ବିଦୂଷକ ମୁଖୁଁ ହାସ୍ୟ ଗଲାଣି ଲିଭି

ଭାଟ କହେ ଧୀରେ ବାଟ କାଟି ଗୁଳିଯିବି

ରାଜ୍ୟରୁ ଦେବି ଅଧେ

ଧୀରେ ଗମ୍ଭୀରେ କହିଲେ ଯଯାତି

ମାନସରୋବର ଜଳ

ଆଣି କି ପାରିବ

ଅଛ କିଏ ସଭାସଦେ

ବିଦ୍ୟୁତ ପ୍ରାୟେ

ଚମକିଲା ଆଗେ

ରାଜ୍ୟ ପ୍ରାପତ ଆଶା

ଚକିତ ପ୍ରାୟେ ଜନତା ରହିଲା ଚାହିଁ,

ଶ୍ୱାସର ଶବଦ ନାହିଁ,

ଅଧରେ ଅଧରେ ରୁଦ୍ଧ ହୋଇଲା ଭାଷା ।

ମାନସର ଅଭିଯାନ

ଭାଙ୍ଗିଲା ଯେପତେ ବୀରପଣ୍ଡି ଅଭିମାନ ।

Digitized by srujanika@gmail.com

ନୀରବତାର ସେ ଲାଞ୍ଛନା ସହୁ ସହୁ,
ଗୋଟିଏ ବକ୍ଷ ପଡ଼ ନାହିଁ ଏକା ନଇଁ ।
କିଶୋର ବୟସ, ଅମଳ କୋମଳ ହାସ,
ଭରା ତହିଁ ନିଜ ଶକ୍ତିରେ ବିଶ୍ୱାସ ।
ଉଠିଲା କୁମାର ନୟନେ ଦୀପ୍ତି ଭର,
ସଂକଳପରେ ଅଧର ଶାଣିତ କର ।

କର ଯୋଡ଼ି ବୋଲେ ସ୍ଥିର ଗମ୍ଭୀରେ ରହି,
ସ୍ଥମୁଁ ହେ, ମୋହର ରାଜ୍ୟରେ ଲୋଡ଼ା ନାହିଁ ।
ମାନସ ତୀର୍ଥେ ଅମୃତ ଅଛି ଉଦବି,
ଅଶିଷ୍ଟ ଜୀବ ହେବି ମୁଁ ଜଗତ ସେବି ।
ବିଶ୍ୱାସ, ତହିଁ ଜାତ ହେଲା କେତେ ମନେ,
କେତେ ବା ଭର୍ତ୍ସିଲେ ମୂର୍ଖଟା ଏଇ ଜଣେ !
କେତେ ବା କହିଲେ ଚପଳତା ସବୁ ନାଶେ,
କେତେ ବା ଭାବିଲେ ଅମର କି ଯାଏ ଆସେ ?
କୁମାର ସାହାସ ଦେଖି
ଗନ୍ଧରବ କେତେ ସଭାସଦ ଦେଲେ ଟେକି ।

ବାନ୍ଧିଲେ ସ୍ରଜା ଶିରପା କୁମାର ମାଥେ,
ଗଲା ସ୍ନେହାକୁଳା ପେନୁକୁଳ ବାଆ ସାଥେ ।

Digitized by srujanika@gmail.com

ପ୍ରକୃତ ଶୋଭା ଡାକିନେଲା ଆଗେ ଆଗେ,
ଜନମାନ ଅନୁରାଗେ ।
ସଙ୍ଗେ ଚଳିଲେ ବେନି ସଇନିକ ସାଥୀ,
ନବ ଯଉବନ ଉନ୍ମାଦନାରେ ମାତି ।
ଆଣିଛନ୍ତି କି ନାହିଁ କୁମାର ମାନସ ନୀର,
ରାଜ ଦରବାରେ ସାକ୍ଷୀ ଦେବେ ବେନି ବୀର ।
ଅଶ୍ୱର ଖୁର ବେଗେ,
ଭୂମିର ଉପରେ ଉଠିଲେ ଧୂଳିର ମେଘ ।
ଖରତର ବେଗେ ଚମକି ଚଳିଲା ବାଜି,
ଲଂଘି ସରିତ ବନ ପର୍ବତରାଜି ।
ନଗର କେଦାର ପ୍ରାନ୍ତର ଜନପଦ,
ବିପଦ ବିଘ୍ନ ଥୂଳି କରିଦୁଏ ପଦ ।
ଦୁର୍ଗମ ପଥେ ଗୃହଦନ ହେଲା ଶେଷ,
ଅଶା ନାହିଁ ଅଉ ଲେଶ ।
ଆଶା ନାହିଁ ଆଉ ନାହିଁ
ଝିଙ୍କାରୀ ରବେ ମରୀଚିକା ଉଠେ ଗାଇ ।
ଅଁଖି ଯହିଁ ଯାଏ ଦଶିଯାଏ କେତେ ଭୂମି
ସବୁଜ ଶଷ୍ପ ଲହଡ଼ି ଭାଙ୍ଗି, ଘନ ନୀଳାକାଶ ଚୁମି
ତରୁ ଡାଳେ ନାଚି ପବନ କୁହଇ 'ଭାଇ,
ଆଶା ନାହିଁ ଆଉ ନାହିଁ ।

Digitized by srujanika@gmail.com

ଶ୍ରାନ୍ତ ବଉଦ୍ଧ ଅଛଥି ଶଇଲ ଦ୍ୱାରେ,
କୁମାରର ଅନାଇ ବୋଲଇ "ବାଇଆ ଅଛିର !
ନୋହିବାର ଯାହା କି ଲାଭ ତା'ପଛେ ଧାଇଁ ?
ଆଶା ନାହିଁ ଆଉ ନାହିଁ ।
ବହିଯାଏ ଅଟଗ ଗଙ୍ଗା ଯମୁନା ଧାର,
ଇନ୍ଦ୍ରନୀଳରେ ଗୁନ୍ଥା ମୁକୁତା ମାଳ ।
ପ୍ରୟାଗ ତୀର୍ଥେ ଶତ ଯାତ୍ରୀର ଦଳ,
ପୁଲକି [illegible] ଚହୁଁଣି ଗୀତଲା
ଅଳାପେ ଲିହରି କଲକଲ, ଛଳ ଛଳ ।
କହିଲା କୁମାର—
ହିମାଚଳ ଚୂଳୁଁ ଜାହ୍ନବୀ ଅସ ବହି,
ମାନ ସରୋବର ବାରତା ପାରବ କହି ?
କନକ କମଳ କୋମଳ ପରାଗରାଶି,
ବଦନେ ବୋଳଇ ଉର୍ବଶୀ ଯହିଁ ଆସି ।
ଭାଗିରଥୀ ତହୁଁ ଆଣି କି ପାରବ ଜଳ ?
"ନାହିଁ ନାହିଁ ନାହିଁ ସବୁ ଶ୍ରମ ନିଷ୍ଫଳ ।"

ଅତୀତର କେତେ ବିଫଳ ପ୍ରୟାସ
ଯମୁନା ଅଛ ଗୋ ଜାଣି

Digitized by srujanika@gmail.com

ମାନ ସରୋବରୁ ଅଣି କି ପାରିବ ପାଣି ?
ନାହିଁ, ନାହିଁ, ନାହିଁ, ନାହିଁ,
ଯମୁନା କହିଲା ମରାଳ କଣ୍ଠେ ଗାଇ ।

ସରସ୍ୱତୀ ଗୋ ଅଣି କି ପାରିବ ଜଳ ?
ସାଧ୍ୟ ଉଦ୍ୟମ ହେବ କି ମୋ ନିଷ୍ଫଳ ?
ହେବ ଭାଗ୍ୟର ଦାସ ?
ଯୁଗେ ଯୁଗେ ହେବ ଇତିହାସ ଉପହାସ ?

ଅନ୍ତର ତଳ ପରଦା ସଧୀରେ ଠେଲି,
ଡାକିଲା କିଏ ସେ
କୁମାର,
କୁମାର ଚାହିଁଲା ନୟନ ମେଲି ।
କଳ୍ପିତ ସେହି ମାନ ସରୋବର
ତୋହର ମାନସ ତଳେ
ଶୋଭିତ ଅଯୁତ ଭାବ ସୁନା ଶତଦଳେ ।
କବିତା ମରାଳ ଲୀଳା କରେ ନିତ ଯହିଁ,
ସଂଗୀତ ଝର କୁଳୁ କୁଳୁ ଯାଏ ବହି ।
ବାକ୍‌ଦେବୀ ବୀଣା ଝଙ୍କାରେ ଯାହାର କୂଳେ,
ସୁଷମା ଲକ୍ଷ୍ମୀ ଖେଳେ ଯହିଁ ଫୁଲେ ଫୁଲେ ।

Digitized by srujanika@gmail.com

ଶକ୍ତିର ମୂଳ ଉତ୍ସ ଉଠଇ ଯହିଁ
ଯୁଗ ଯୁଗ ଧରି ପ୍ରଗତିର ଧାରା
ଅସୁଅଛି ଯହିଁ ବହି ।
ଯେତେକ ବିଦ୍ୟା ଯେତେକ ବୁଦ୍ଧି ବଳ,
ଯେତେ ରାଜନୀତି କୂଟନୀତି କଉଶଳ,
ଶିବ ସୁନ୍ଦର ସତ୍ୟ ଜଗତେ ଯାହା,
ଶାନ୍ତି ମୈତ୍ରୀ ମୁକତିର ଯେତେ ଲୀଳା
ଯାହା କିଛି ସାର ଏହିଁ ରହିଅଛି ପୂରି;
କସ୍ତୁରୀ ମୃଗ [illegible]ଭିରେ ଭୁଲି
ନିଜର ଗନ୍ଧ ଖୋଜୁ କରୁ ଅକାରଣ
ବନ କାନ୍ତାରେ ବୁଲି ।
ସକଳ ତୀର୍ଥ ମଣିଷର ସରଜନ
ମାନସରୋବରରେ ଗଢ଼ିଛି ମଣିଷମନ ।
କଳ୍ପନା ଦେଶେ ଗଢ଼ାଇଛି ସ୍ୱରଗ
ଥାପିଛି ସେ ଭଗବାନ
ତୀର୍ଥର ମହାତୀର୍ଥ ଭିତରେ କର, କର ସନ୍ଧାନ;
ମହା ମାନ ସରୋବରୁ
ସକଳ ତୀର୍ଥେ ପୁତତମ ଯା'ର ଜଳ ।
ଭୁବନେଶ୍ୱର ମହା ମନ୍ଦିର ପାଇଁ

Digitized by srujanika@gmail.com

ସେହି ଜଳ ଏକା ସେହି ଜଳ ଚଳିତା ଭାଇ ।
ଯା ମନ୍ତ୍ରେ ରଚି ପାଷାଣେ ଦେଉଛନ୍ତି ବାଣୀ
ପୂତତମ ତୀରେ କହିବ ତୋହର
ମାନସ ତୀର୍ଥ ପାଣି ।
ତାଙ୍କୁ ଛୁଇଁକା ମାତିଲ କୁମାର ମାଥେ
ଝରିଲା ରକ୍ତ— —
ଜାତି ପ୍ରୀତି ପୂତ ମାନସ ତୀର୍ଥଧାର
ଦେଲା ସଇନିକ ହାତେ ।
ପବିତ୍ର ଏଇ ଅର୍ଘ୍ୟ ଭାଇ ହେ ନିଅ ?
ବୁଝାଇ ସକଳ ଯଯାତି ହସ୍ତେ ଦିଅ ।
ମଧ୍ୟା ମନ୍ଦିର ବନ୍ଦିତ ଶିରେ
ନୀରବେ ଉଠିବ ଗାଇ
ଦଶକୋଟି ଜୀବନେ ଗୋଟିଏ ଜୀବନ
ଅର୍ଘ୍ୟ ହୋଇବ ଜାତି ପାଇଁ ଦେଶ ପାଇଁ ।
ନିସ୍ତେଜ ଆଖି ନାଚିଗଲା କ୍ଷଣେ ଜଳି
ପ୍ରମାଣ ତୀର୍ଥେ କୁମାର ପଡ଼ିଲା ଢଳି ।

ତା. ୨୧।୧।୪୯—ବାଲେଶ୍ବର

Digitized by srujanika@gmail.com

ସେନାପତି ବିଷ୍ଣୁ ଶର୍ମା

ଶତ୍ରୁ ଯାଇଛନ୍ତି ସଂଗ୍ରାମ-ଘାଟି
ହାରି ପଳାଇଛନ୍ତି
ପଳାଉଛନ୍ତି ନେଇ ପ୍ରାଣ
ରଣ ଅଙ୍ଗଣେ ଫିଙ୍ଗି ଯାଇଛନ୍ତି
ଅସ୍ତ୍ର ଶସ୍ତ୍ର
ଇଜ୍ଜତ ସମ୍ମାନ ।
ଦେଇଛନ୍ତି ସୈନ୍ୟ ରକ୍ତ ନଦୀରେ
ଫକରୁଲ୍ ଖାଁ
ଭସାଇ ନିଜର ଶର୍ମ
ବୁଝିଛନ୍ତି ଶତ୍ରୁ ସିନ୍ଧୁ ଦେଶର
ସୀମା ସ୍ପର୍ଶିଲେ
ମିଳେ ଏଇ ପରାଭବ ।

Digitized by srujanika@gmail.com

ସେନାପତି ବିଷ୍ଣୁ ଶର୍ମା

ନିର୍ଘାତ ଅସି ଖଡ୍ଗ ଆଘାତେ
କରିଅଛୁ ପଣ
ମାଡିବ ନାହିଁ ଏ ମାଟି

ବିଷ୍ଣୁ ଶର୍ମା, ତୁମ କଉଶଳେ
ତୁମର ଶୌର୍ଯ୍ୟେ
ରକ୍ଷା ପାଇଛି ଜାତି ।

ହେ ଦେଶଗର୍ବ, ରକ୍ଷା କରିଛ
ଶକ୍ତି ସାହସେ
ଜନ୍ମଭୂମିର ମାନ

ଗଜପତି ରାଜସମ୍ରାଟ ମୁହିଁ
ଅନଙ୍ଗଭୀମ
ଦେବି ବୀର ସମ୍ମାନ ।

ଧନ ମାନ ଅବା ରାଜ୍ୟ ଚାହିଁ ଯା
ଦେବି ସେନାପତି,
କୁଣ୍ଠା ନାହିଁ ମୋ ମନେ

ବୀର ସମ୍ମାନ ଥାଏ ଯେଉଁ ଦେଶେ
ସୁଦୂରୁଁ ବୈରୀ
ଖଡ୍ଗ ତାହାରେ ନମେ ।

Digitized by srujanika@gmail.com

ଭେଟେ ସେନାପତ, ମହାରାଜ, ମୁହିଁ
ଗୃହେଁନାହିଁ ଧନ
ନୁହେଁ ପଦ ପ୍ରତ୍ୟାଶୀ

ଜନ୍ମଭୂମିର ସେବା ମୁଁ କରିଛି
ସେବା ମୁଁ କରିବି
ସାଧାରଣ ଦେଶବାସୀ ।

ଜାତି ସମ୍ପଦେ ସମ୍ପଦ ମୋର
ଜାତି ଗଉରବେ
ଗଉରବ ମୋର ବଢ଼େ

ମୁଁ ଜନ୍ମିଛି ମୁଁ ପାଇଛି ଶତ୍ରୁ-
ଶୋଣିତର ଧାରେ
ଆମ ଜୟ ହର୍ଷରେ ।

ଏବେ ଯାଇଅଛି ଯବନ ରାଜ୍ୟ
ଆମର ଖଡ୍ଗ
ଝନନ୍ ଝନନ ନାଦେ

ମହାରାଜ, ଅଜ ପୂର୍ବ ଉଠେ ଗୀତ
ସ୍ୱାଧୀନ ଦେଶର
ଜୟଜୟ ଅହ୍ଲାଦେ ।

Digitized by srujanika@gmail.com

ଗୃହେଁ ନାହିଁ ଧନ ପଦ ଗୌରବ
ଦେଶ ବତ୍ସଳ
ଆହେ ଭାରତର ଶଶୀ
ଦେଶ ସ୍ୱାଧୀନତା ରକ୍ଷଣେ ଦଅ
ମହାରାଜ, ମୋର
ହସ୍ତେ ଗୋଟିଏ ଅସି ।

ତା ୫।୧୦।୫୦—ଶାନ୍ତିନିକେତନ

Digitized by srujanika@gmail.com

ବାପୁଜିଙ୍କ ଅନୁରୋଧ

ଆମ୍ର କୁଞ୍ଜ ବିଜନ ଗହନ ଛାଇ ତଳେ
ଶେଷ ଗୋଧୂଳିର ଯତ୍ନେ ଉନ୍ନ ଦୀପ ଜଳେ ।
ଟୁଙ୍ଗି ପୁଷ୍ପର ଚିତା ଚଇଁତି ତୃଣେ ବସି
ନମ୍ର ମଧୁରେ କହିଲେ ବାପୁଜି ମୃଦୁ ହସି ।
ଗୁରୁଦେବ, ମୋର ଅନୁରୋଧ ଏକ ତୁମ ପାଶେ;
ଜଗତ ଆଲୋକେ ଚାହିଁଲେ ଉଦାର ଉଲ୍ଲାସେ
କବି ରବୀନ୍ଦ୍ର;
ଉନ୍ନତ ହିମ ସାନୁମାନେ
ଦୀପ୍ତ ସୂର୍ଯ୍ୟ ଯଥା ଗୌରବ ସନମାନେ ।

"ସ୍ୱାଗତ ବାପୁଜି, ଦେବତା ଆଶିଷ ତୁମ କଥା
ମହିମାରେ ଯା'ର ନତ ସ୍ୱର୍ଗର ଶୁଭ୍ରତା ।
ନୁହେଁ ଅନୁରୋଧ, କହ ମହାତ୍ମା କି ଆଦେଶ ?
ତୂର୍ଣ୍ଣ କରିବି ଏଇ ଜୀବନର ଅବଶେଷ

Digitized by srujanika@gmail.com

ମୁକ୍ତିତା ଲାଗି; ଗୋଧୂଳି ରବିର ଶେଷ ଶିଖା
ପିନ୍ଧାଇ ଦେବ ଧର୍ମ ମସ୍ତକେ ଜୟ ଟିକା ।

କହିଲେ ବାପୁଜୀ, ଦିବା ନିଶି ତୁମ ଅର୍ଚ୍ଚନା
ଅରୂପ ଲକ୍ଷ୍ୟ, କର ଗୁରୁଦେବ ସନ୍ଧାନ ।
ଶଙ୍କିତ ପଦେ ଫେରଇ ନିଦ୍ରା ନିତ ନିତ
ଶ୍ରାନ୍ତ ଚାହେଁନା କାବ୍ୟ ସାଧନା, ଜାଗେ ଭୀତ
ଦେଖି ଏ ସ୍ୱାସ୍ଥ୍ୟ, ଦୋହିଲେ ଜୀର୍ଣ୍ଣ ପଞ୍ଜର
ଶୀର୍ଣ୍ଣ ଶରୀରେ; ଅଧ ଘଣ୍ଟାଏ ଅବସର
ଦିଅ ଦ ପହରେ, ଅନ୍ତେ ଜଗତର ଗୌରବ
ସାଧନାର ସୀମା ଲଙ୍ଘି ଚଳନ୍ତ ରଥ ତବ

ଅସୀମର ପଥେ;
କଲ୍ୟାଣ ଲାଗି ଜଗତର
ଦିଅ ଏ ସ୍ୱାସ୍ଥ୍ୟେ ଅଧ ଘଣ୍ଟାଏ ଅବସର ।
କବିର ନୟନୁଁ ଜ୍ୟୋତିର ବିନ୍ଦୁ ପଡେ ଝରି
କହିଲେ ବାଣୀର ଆଲୋକେ ଶ୍ରୀମୁଖ ଉଜ୍ଜ୍ୱଳି ।
ଦେବେ ନତଶିରେ ଜନନାୟକର ଅନୁରୋଧ
ଏ ଜୀବନେ ନାହିଁ ଏଇ ସ୍ନେହ ଋଣ ପରିଶୋଧ ।

ତା ୧୭।୨।୪୦—ଶାନ୍ତି ନିକେତନ

Digitized by srujanika@gmail.com

କବିତା ଓ କଙ୍କାଳ

ବିଜନ କୁଟୀରେ ବସି ଲେଖଇ କବିତା
ଆସି କାହିଁ ଭାସିଯାଏ ଚିନ୍ତା ପରେ ଚିନ୍ତା ।
ଗୁନ୍ଥିଯାଏ ଗୋଟି ଗୋଟି ମାଳକାରୁ ସମ
ଅନାୟାସେ ପଦ ଭଏ ଛନ୍ଦେ ଯେହ୍ନ ସମ ।

ଏକାଳେ ଭିକାରୀ ଆସି ଅରଣ୍ଡିଲା ଗୀତ
ଚିତ୍ତ ହେଲା ବିଚଳିତ ଭାବ ଅନ୍ତମିତ ।
ଆକୁଞ୍ଚିଲା ଯେ ନିକୁଞ୍ଜ ସୌରଭ ବଉଳ
କଙ୍କାଳର କୋଳାହଳେ ପଡିଲା ମଉଳି ।

ଗରଜିଲି ଜନ୍ମଭୂଷେ କ୍ରୋଧେ ହତଜ୍ଞାନ
କଙ୍କାଳ କରୁଣ କଣ୍ଠେ ଛିନ୍ନ ହେଲା ଗାନ ।
ନିରାଶେ ମଳିନ ମୁଖ, ଆଖି ଛଳ ଛଳ
ଫେରିଲା ସେ, ଭାବିଲି ମୁଁ କେଡେ ସ୍ୱାର୍ଥପର ।

Digitized by srujanika@gmail.com

ଟାପରେ କୋଇଲି ଗାଅ ଗାଅରେ ଭିକାରୀ
ଶୁନ୍ତାଇଛନ୍ତି, ଶୁଣିବାର ଅଛି ଅଧିକାରୀ ।
ତୋ ଜୀବନ ମୋ କବିତା ଏକା ଉପାଦାନେ
ଗଢ଼ା ଦେଖୁ ଚୁକେ ତେଣୁ ଅତି ସନମାନେ ।

କଙ୍କାଳ, ଗାଅରେ ଗୀତ କବିତା ନିଷ୍ଫଳ
ସମ୍ବଳ ନ କରେ ଯଦି ତୋର ଅଶ୍ରୁ ଜଳ ।

ତା ୧୬।୭।୩୯—ବାଲେଶ୍ୱର

Digitized by srujanika@gmail.com

ମୀର୍ ମାକ୍‌ବୁଲ୍ ଶେର୍‌ୱାନୀ

ପଠାଣ ସଇନ ସାଗର ଘେରଇ ସୁନା କାଶ୍ମୀର ରାଜଧାନୀ—
ଏ କଥା ଶୁଣିଲା କମ୍ପିତ ବୁକେ ମୀର୍ ମାକ୍‌ବୁଲ୍ ଶେର୍‌ୱାନୀ ।
ଲୁହ ଲହୁ ସ୍ରୋତ ବୁହାଏ ଦେଶର ତା ହାତେ ଦଳିବ ଏଇ ଦେଶ ?
କିଏ ପଇ ହେବ ରାଜ୍ୟର ରାଜା ?
ତା ଆଗେ ନିଜରେ କରେଁ ଶେଷ ।
ଶିଶୁ ଅବଳାର ରକ୍ତେ ରଙ୍ଗ ହୋଇ ହୋଇ ଦିଶେ ଯା'ର ହାତ
ଇଙ୍ଗିତ କରେ ମୀର୍ ମାକ୍‌ବୁଲ୍ ସହିବୁ କି ତାର ପଦାଘାତ ?
ପୋଡ଼ି ଦେଇ ଗାଁ ପାଉଁଶେ ଅନ୍ଧ କରଅଛି ଯେଉଁ ସୟତାନୀ
ସହିବୁ କି ତାହା କୋରାନ୍ ଭକ୍ତ ମୀର୍ ମାକ୍‌ବୁଲ୍ ଶେର୍‌ୱାନୀ ?
ଇସ୍‌ଲାମ୍ ନାମେ ମତାଏ ଏ ଦେଶ !
ଡକାଇତଦଳ କାରସାଦ
ବିଶ୍ୱର କେଉଁ ଧରମ କହେ—ଏଉ ଦେଶଯାକ କର ବରବାଦ ?

Digitized by srujanika@gmail.com

ଶିଶୁର ହତ୍ୟା ନାରୀ ଧର୍ଷଣ ଧର୍ମ ଯେବେ ରେ ଶୁଦ୍ଧ ଦାସ
ଧର୍ମନ୍ଧତା ଏ ମୀର ମାକ୍‌ବୁଲ ଗର୍ବିତ ପ୍ରାଣେ ଗାଅ, ଗାଅ ।

ବରଫ ବରଷା; କାଶ୍ମୀର ସାନୁ ଥରି ଉଠେ ଆଜି ଥର ଥର
ସ୍ୱାଧୀନତା ଲାଗି ଦେବକ ଦେଇଦଏ ଶହୀଦ୍ ରକତ ଜରଜର ।
ବନ୍ଧୁକ ଧୂମେ ଅନ୍ଧ ଆକାଶ; ଆଜି ଏକା ଦିନ ହେଲେ ଭେର
ଗର୍ବେ ବାଜିବ ଶିଖ୍ ନଗରେ ଯେ ପାକିସ୍ଥାନର ଜୟ ଭେରୀ ।
ମୁକ୍ତ ପଇନ ଭାରତର ଅସି ପାରିବେ କି ତାରେ ଝାଳି ଆଜି ?
ଉଦ୍ୟମ କରୁଁ ସପୁତାନ୍ ହାତେ ପ୍ରାଣ ମୋର ଯଦି ଯିବ ଯାଉ ।

ଶନ୍ ଶିବରେ ପ୍ରବେଶିଲ ମୀର୍ ପାକିସ୍ଥାନୀର ବେଶି ଧରି
ପାକିସ୍ଥାନର ଜୟ ଜୟ ନାଦ ମୁଖ ମଣ୍ଡିଲା ପଡ଼େ ଝରି ।
"ଆଗେଇ କି ଯାଉ ସର୍ଦ୍ଦାର ଭାଇ ?
ମୁସଲ୍‌ମାନ ଯେ ତୁମ ବଶ
ଏକ ଧକ୍‌କାରେ ରକ୍ଷା ଦରଜା ଭାଙ୍ଗିଯିବ ତହୁଁ କେଉଁ ଯଶ ?

କାଶ୍ମୀର କାମଧେନୁର ରକ୍ତ ବକ୍ର ହାତରେ ଦୁହଁ ଦଅ
ଘୋଷିଲ ତୁଷି—
ଏଇ ଉପଦେଶ କ୍ଷମଣୀୟ ଅତି କମନୀୟ ।

Digitized by srujanika@gmail.com

ହିଂସ୍ରକ ମନେ ଘୋଟିଗଲା ଢେଉ; ପଙ୍ଗପାଳ କି ଗଲେ ଘୋଟି
ସନ୍ ସନ୍ ସନ୍ ଖଡ୍ଗ ଚଳିଲା, ଶତ ନିର୍ଦ୍ଦୋଷ ଗଲେ କୋଟି ।
ଶତ୍ରୁ ସେନାର ପୈଶାଚ୍ୟ ଭାଙ୍ଗିଲା ମାଡ଼ିଗଲେ କେତେ ଉଦ୍ଧତେ
ଛୁଟାଇ ଦେଲା କି କୂଟନୀତି ସବୁ ଲକ୍ଷ୍ୟ ଲୌହ ପଦାଘାତେ ?

କାଶ୍ମୀର ଅଙ୍ଗ ଭାରତ ସଙ୍ଘ ଗଢ଼ିବ ଘୋଷିଲେ ଅବ୍ଦୁଲା
ଗୁଡ଼ୁମ୍ ଗୁଡ଼ୁମ୍ ଭାରତର ତୋପ ଗରଜନେ ଥରେ ବାରମୁଲା ।
ନୈତିକ ବଳ ଛୁଟିଲା, ହଟିଲେ ଶତ୍ରୁ ସଇନ୍ୟ ହାର୍ ମାନି
ହର୍ଷେ ମାତିଲା ଗୁଣୀ ସଜ୍ଜନ ଦେଖି କାଶ୍ମୀର ରାଜଧାନୀ ।

ଶିଖର ଉପରେ ମୀର୍ ମାକ୍ବୁଲ "ପାକିସ୍ଥାନର ଜୟ କହ"
ଲଲ୍ହାର କଣ୍ଠା ଭେଦି ଦେଲେ ହୃଦେ ରକ୍ତ ଝରଇ ଅଝରହ ।
ଭାରତର ଜୟ କାଶ୍ମୀର ଜୟ ସତ୍ୟର ଜୟ ଘୋଷେ ଠାଣି
ରକ୍ତେ ଝରାଇ ଶେଷ ନିଃଶ୍ୱାସ ମୀର୍ ମାକ୍ବୁଲ ସେରଓ୍ୱାନୀ ।

ତା ୧୦।୩।୪୯—ବାଲେଶ୍ୱର

ଶିବାଜୀଙ୍କ ଗର୍ବ

ରାଷ୍ଟ୍ର ମନ୍ତ୍ର ଶିବାଜୀ ଦେଲେ ମରହଟ୍ଟେ କଲେ ଅଭିଯାନ
ଲଢେଇ କଲେ ମୂଲିଆ ମୁଠାଏ ଜୟ ଶିବାଜୀ ଜୟ ଗାନ ।
ଗର୍ବେ ବୁକୁ ଉଠିଲା ଫୁଲି ଭାବିଲେ ମୁହିଁ କେଡ଼େ ବଡ଼
ଦିଲ୍ଲୀରେ ରାଜା ମୁକୁଟ ତୁମ ଆଜି ଏ ମୋର ପାଦ ତଳେ ।
ଦିଗ୍ବିଜୟେ ଘୂରଇ କୋଟି ଖଡ୍ଗ ମୋର ଖରଶାଣ
ଛତ୍ରୀ ମୋ ବୁଲେ ପାଣ୍ଡି ପଥେ ମୋଗଲ୍ ରାଜା ମ୍ରିୟମାଣ ।
ଅନ୍ନ ଦିଏ ବସ୍ତ୍ର ଦିଏ କରୁଣା ମୋର ପୁରେ ପୁରେ
ଦୁର୍ଗ କାମେ ବ୍ୟସ୍ତ ଯେତେ କାମ୍‌କା ଏଇ ମଜ୍‌ଦୁରେ ।
ଶୌର୍ଯ୍ୟର ମୋ ସମ୍ପଦର ସେ ଲଗେ ଜୟ ଜୟ ଗାନ
ମଢ଼ିବେ ଏଇ ଦୁର୍ଗ ଯଦି ନ କରେ ମୁହିଁ ନିର୍ମାଣ ।

Digitized by srujanika@gmail.com

ଏକାଳେ ଆସି ମିଳିଲେ କାହୁଁ ସୁସ୍ୱାଧ୍ୟାୟୀ ରାମଦାସ
ଚରଣେ ନମି ମନର କଥା କରିଲେ ଖୋଜା ପରକାଶ ।
ଗୁରୁଜି, ଦେଖ ଲକ୍ଷ ଘୋଟେଣି ମୋହର ରାଜ ଘରକାର
ଦୁର୍ଗ କାମ ଚିହ୍ନୁଟେ ନା ଭୁଲି ମନେ କରେ ହାହାକାର ।

ସର୍ବନାଶୀ ଗର୍ବ କଥା ଗୁରୁଜି ଶୁଣି କଲେ କ୍ରୋଧ
ଭାବିଲେ ଏଇ ଛମତା ଧନ କରଇ ଜନେ ନିର୍ବୋଧ ।
ଧରି ସେ କୋଟି ଜୀବନ ଦୌଡ଼ା ଖିଅଲେ ଝାଣେ ଅହରହ
ଛମତା ଏ ଗର୍ବ ଅତି ଦୁଃସହ ଟେର ଦୁଃସହ ।

ମନର କଥା ମନରେ ରଖି କହିଲେ ନାହିଁ ପରକାଶ
ଶିବାଜି ଆସ ଆସ ହେ ଏତେଣି ଡାକିଲେ ଗୁରୁ ରାମଦାସ ।
ଏଇ ପଥର ଟେକ ତ ଦେଖି ?
ତୋଳି ଦେଲେ ସେ ଭୁଲ ପର
ଗୁଲିଲା ଡେଇଁ ବେଙ୍ଗଟିଏ ଟର ଟରେଇ ଡରେ ଡର ।
ରାସ୍ତା ମାପି ଗୁଲିଲା ଜିଅ, ଧାଇଁଲେ କେତେ ପୋକ ଯୋକ
ଦୁଃଖ ମନେ ଅମର ବସା ଭାଙ୍ଗି ଦେଲା କେଉଁ ଲୋକ ?

ପୋଷିଛି ଏତେ ଜୀବନ କିଏ ଦେଖିଛି ଶିବ ସେଇ ହାତ ?
ଏଇ ଜୀବନ ତତ୍ତ୍ୱ ବୁଝି ଆସେ କି କେଉଁ ନରନାଥ ?

Digitized by srujanika@gmail.com

ଦୁର୍ଗରେ ଯେ ଶ୍ରମିକ ନୁହେଁ, କାଂକର ବା ଧାରବାରେ
ଶୁଣିଛ କେବେ ପୋକ କି ଯୋକ
ମରୁଛି ଘୋର ଅନାହାରେ ?

ଲକ୍ଷ କୋଟି କୀଟର ଲଗି ଆହାର ରଖେ ଯେଉଁ ବନ୍ଧୁ
କରିଛି ସେଇ ତୁମକୁ ରାଜା ଅଗଣ ଜନ ପ୍ରତିନିଧି ।
ଖାଦ୍ୟ ତାର ଭଣ୍ଡାରୁ ଯେ କରୁଛ ତୁମେ ବିତରଣ
ଶସ୍ୟ ନାଶେ ଶିବାଜୀ କହ ପାରିବ ପୋଷି କେତେ ଜଣ ?
ତୁମର ଏଇ ଦୁର୍ଗ କାମେ ମୂଲିଆ ଖଟେ ମୂଲ ପାଇଁ
ଶିବାଜୀ ରାଜ ସମ୍ରାଟର ପୋଷଣ କଥା ଉଠୁ ନାହିଁ ।
ମଜଦୁର୍ ଯେ ପକ୍ଷୀ ସମ ଉଡ଼ଇ ଯହିଁ ପଡେ କାମ
ମରିବେ ସବୁ ସୃଷ୍ଟିକାରୀ ବିଧାତା ଯେବେ ହୁଏ ବାମ !

ଗର୍ବ ମଥା ବାକ୍ୟ ବାଣେ ଫଣିଲା ହୋଇ ଚୂନ୍‌ଚୂନ୍
ଉପରେ ଚାହିଁ ଅଶ୍ରୁ ଆଖି ଶିବାଜୀ କହେ "ଭଗବାନ୍ !"

ତା ୧୨।୧୦।୫୦—ଶାନ୍ତିନିକେତନ

Digitized by srujanika@gmail.com

ମହାତ୍ମା ତିଲକ

ନାହିଁ ଏକ ଉତ୍ତରୀୟ କଠିନ ଏ ଶଯ୍ୟା
ଶୋଇବାକୁ ହେବ ଯହିଁ ଶ୍ରମିକର ଲଜ୍ଜା ।
ହେ ତିଲକ, ଭାରତର ଗୌରବ ଧନ
ଏ କଣ୍ଟକ ଶଯ୍ୟା ପଲଙ୍କେ କରୁଂ କି ଶୟନ ?
କହିଲା କେ ଆଗନ୍ତୁକ;
                    ହସ୍ତେ ଧନ ନାହିଁ
ମୂଲ୍ୟବାନ୍ ଉତ୍ତରୀୟ କିଣିବ ମୁଁ କାହିଁ ?
କହିଲେ ତିଲକ ହସି;
                    "ଅହେ ମହାମାନ୍ୟ
ଉତ୍ତରୀୟ ଲାଗି ଅର୍ଥ ପଡେ ଯେ ସାମାନ୍ୟ !"
"ସେ ସାମାନ୍ୟେ କିଣିବ ମୁଁ ଅମୂଲ୍ୟ ପୁସ୍ତକ"
କୁହେ ଆଗନ୍ତୁକ "ତୁମେ ମହାତ୍ମା ତିଲକ ।
ଭାରତର ମନେ ତେଣୁ କର ରାଜପଣ
ଭୂଷଣବିହୀନ ହୋଇ ନଖିଳ ଭୂଷଣ ।"

ତା ୨୭।୮।୪୦ — ଶାନ୍ତିନିକେତନ

Digitized by srujanika@gmail.com

ମନ୍ଦିର ନଗର

ମଣିଷ ମୁଁ ଏହି ଦାବୀ ଘେନି କହେ
ଛାଡ ମନ୍ଦିର ପଥ
ବନ୍ଦିତ ଏହି ମନ୍ଦିର ପୁରେ
ଭଗବାନ୍ ଯଦି ସତ ।
ଦେବତା ନୁହଇ ତୁମର ଆମର
ଦେବତା ସକଳ ଲାଗି
କ୍ଷୁଦ୍ରରେ ତାରେ କଳ୍ପନା କଲେ
ରୁଦ୍ର ହୁଏ ସେ ରାଗି ।
ଅସୀମ ଦେବତା ବନ୍ଦୀ କରିଛ
ପାଷାଣର କାରା ତଳେ
ସେହି ଅପରାଧ ବଢ଼େ ଶତଗୁଣ
ନୟନ ରକ୍ତ କଲେ ।
ହୀନ ସ୍ୱାର୍ଥର ପ୍ରାଚୀର ଭାଙ୍ଗି
ଦେବତା ଯାଏ ରେ ଚାଲି
ନିରମଳ ମନେ ଭକତ ଯେ ଡାକେ
ଢାଳିଲ ଅଶ୍ରୁ ଡାଳି ।

ମଣିଷଠୁ ବଡ ନୁହଇ ଧର୍ମ
ନୁହେଁ ବଡ ଭଗବାନ
ସୃଷ୍ଟି କରନ୍ତି ବେଦରେ ସାଧକ
ମହା ମଣିଷର ଜ୍ଞାନ ।
ମଣିଷର ଦାମ୍ଭ ଗଉରବେ ଦେଖୁ ବାଢେ଼
ମଣିଷ ମଣିଷ କଥା ନ ବୁଝିଲେ
ଦେବତା ବୁଝିବ ତାରେ ?
ଶୁଣି ଯଯାତିର ବାଣୀ
ହିନ୍ଦୁର ଲାଗି ବାନ୍ଧୁଏ ହୃଦେ
ଦୟା ମାୟା ମୋର ନାହିଁ
ଜନ ପୁରୋହିତ କଥା କହେ ହାଣି ହାଣି ।

ହିନ୍ଦୁ ଜଇନ ଖ୍ରୀଷ୍ଟାନ ହେଉ
ମଣିଷ ତ ସବୁ ଆଗେ
ମଣିଷେ ମଣିଷ ମିଶାଏ ଧର୍ମ

ହୃଦୟୁଁ ହୃଦୟ ଭିନ୍ନ କରଇ
ହିଂସ୍ରକ ସଇତାନ
ମଣିଷେ ଘୃଣଇ ସ୍ୱାର୍ଥପର ଯେ
ଅମ୍ଭାରେ ନାହିଁ ଜାଣି ।
ମଣିଷ ନ ଦେଖୁ ଦେବତା;
ଦେବତା ଅଧିକାର କି ହେ ନାହିଁ
ଭକ୍ତ ଚିତ୍ତେ ଉଦାର ମହତ
ମଣିଷ ଦେଖିବା ପାଇଁ ?

ଫେଡ ମନ୍ଦିର ଦ୍ୱାର

ଜିନ ପୁରୋହିତ
ଗର୍ଜି କହିଲା
ହିନ୍ଦୁରେ ସାବଧାନ,
ରକ୍ତ ବୋହିବ
ଡେଇଁଲେ ତୁ ଏଇ ଗାର ।

ଧର୍ମର ଓଟଳା ମର୍ମ ନ ବୁଝି
ବର୍ମ କରିଛୁ ତାରେ
ଜିନା ପୁରୋହିତ ଛରୋହିତ ତୋର
ବୁଦ୍ଧି ହୋଇଛି ଥରେ ।

ରକ୍ତର ଇଚ୍ଛା କି ଦେଖାଅ ମୋତେ
ଧର୍ମର ଭେକ ଧରି ?
କ୍ଷତ୍ର ଡରେ କି ପୁରୋହିତ ଯହିଁ
ରକ୍ତେ ନାଅଇ ବଳି ?
କାଳ ଖାରବେଳ କୀର୍ତ୍ତି କୁସୁମେ
ଜୀବାଣୁ କବିଙ୍କୁ ଦାସ

ଖଣ୍ଡ ଶଇଲେ
ଚଣ୍ଡିତା ତୋର
ଖଣ୍ଡିବା ଲାଗି ଅରେ
ଖଡ୍ଗ ମୋହର ହିଂସାର ନୁହେଁ ଦାସ ।
କିବା ମନ୍ଦିର ଧର୍ମ ଗର୍ବ

ଦେଖାଉଛୁ ତୁହି ଅରେ
ତେଜ ପୁରୋହିତ ଅଭିମାନ
ଶୁଣ କ୍ଷତ୍ରିୟ ପଣ ବାଢ଼ି
ଉଜ୍ଜଳ ରାଜ ମୁକୁଟ ମୋ ଶିରେ
ହେବ ଯେବେ ଶୋଭମାନ
ନ' ହଜାର ନ' ଶହ ଅନେକତ
ମନ୍ଦିର ନିରମାଣ ।

କରିବି ମୁଁ କଠୋର ପଣ
ଏଇ ପଣ ନ ପାରିବି ଯଦି ସାଧି
ତୋହ୍ମ ଆଗେ ଏହି ଧିକ୍କୃତ ପ୍ରାଣ
କରି ଦେବି ବରବାଦ ।
ଏହି ମନ୍ଦର ନଗର ମହୀର
ମୁକୁଟ ହୋଇବ କହେ
ଜୀବନର ପଠଣି ଷଡ଼ଯନ୍ତ୍ର ଯାହା କହେ
ସେହି କଥା ରହେ ।
ଭୁବନେଶ୍ୱର ଭୁବନେଶ୍ୱର
ହୋଇବ ଏ ମୋର ବାଣୀ
ସତ୍ୟ ସତ୍ୟ ସତ୍ୟ ଏ କଥା
ସତ୍ୟେ କହେ ମୁଁ ଶାଣି ।
କାହୁ କଳା ଗୃହୁ କୀର୍ତ୍ତିରେ ହେବ
ବିଶ୍ୱ ମଧ୍ୟେ ସାର
ଭୁବନେଶ୍ୱର ଭୁବନେଶ୍ୱର
ଏ କଥା ବେଦର ଗାର ।
ହୀନ ଆଉ ବା ପତିତ କାହାରେ
ମନ୍ଦର ନାହିଁ ମନା

ଯେ ଜାତିର ଯେଉଁ ଧରମର ହୋଇ
ନିଜ ଦାବୀ ଏଥି ନ କରିବ କେହୁ
ସକଳ ମଣିଷ ମନ୍ଦିରେ ପଶି
କରିବେ ହେ ଅରାଧନା ।
ବନ୍ଦୀ କରିବୁ ନାହିଁ ଭଗବାନ୍
ମଣିଷର ଅଭିମାନେ
ସ୍ୱର୍ଗରେ ପଥେ ରଥ ବାହୁନେବୁ
ବିଶ୍ୱମୈତ୍ରୀ ଗାନେ ।
ଏଇ କଥା କହୁ ଯଯାତି କେଶରୀ
ଝିଙ୍ଗ ପରି ଗଲେ ଚଲି
ଖଣ୍ଡ ଶୈଳର ଶ୍ୟାମଳ କାନନ କୋଳେ
ନିଦ୍ରାଳୁ ରବି ସହସା ପଡିଲେ ଢଳି
ଯଯାତି କେଶରୀ ସଙ୍ଗେ ଉଦିତ ହୋଇ
ନିର୍ମିତ ଶତ ମନ୍ଦିର ଚୂଡା
ସ୍ୱର୍ଗେ ଦେବାକୁ ଧୋଇ ।
ତା ୧୬।୮।୪୯—ବାଲେଶ୍ୱର

ବିପ୍ଳବୀ କବି ଦୀନକୃଷ୍ଣ

ଦୀନକୃଷ୍ଣ ହେ କାବ୍ୟ କବିତା ମୋ ନାଏଁ କରିଲେ ଭଣିତା
ଧନ ସମ୍ପଦ ପଦ ଗୌରବେ ଦରବାରେ ହେବ ଗଣିତା
ଜାଣ ତ ରାଜାର ଶକ୍ତି କ୍ଷମତା
କିନ୍ତୁ ବୁଝେନା କରୁଣା ମମତା
ତିଳେକ ଅଜ୍ଞା କଲେ ଅବଜ୍ଞା କାରାଦଣ୍ଡ ହେ ଜାଣିଥା
ଦୀନକୃଷ୍ଣ ହେ କାବ୍ୟ କବିତା ମୋ ନାଏଁ କରିଲେ ଭଣିତା ।

ମହାରାଜ, ନୁହେଁ ଧନ ସମ୍ପଦ ପଦ ଗୌରବ ଲଲସୀ
ଦୀନକୃଷ୍ଣ ମୁଁ, ତୃଷ୍ଣା ମୋ, ଶ୍ରୀକୃଷ୍ଣ ଚରଣ ତୁଳସୀ
ଅସ୍ତ୍ରାରେ କର ଶିର ଅବନତ
ବଳି ଦେଇ ମୋର ମାନ ଇଜ୍ଜତ
ପଶୁ ହେବ, ରାଜା, ପଶୁଜାତ କେବେ କାବ୍ୟ କି
ଥାଏ ବଳସି ?
ନୁହେଁ ନୁହେଁ ମୁହିଁ ଧନ ସମ୍ପଦ ପଦ ଗୌରବ ଲଲସୀ ।

ଧନ ରତ୍ନ ଖାଲି ଅଳ୍ପ ଅଳ୍ପ କ୍ଷମତା ମର୍ଜି ତୋଷଣ;
ଲକ୍ଷ୍ମୀ ଦୁଆରେ ସରସ୍ୱତୀଙ୍କ ଦେବୀ କି ଦାସୀର ଆସନ?
ସୃଷ୍ଟିର ସାର ରସଅନୁଭବୀ
ନୁହେଁ ଭାଟ, ନୁହେଁ ଗୁହ୍ନେ‌ଁକାର କବି
ସତ୍ୟର ଛବି ମହାବିପ୍ଳବୀ ଫୁଟାଏ ସେ ଯଥା କାଞ୍ଚନ
ରାଜକବି ନୁହେଁ, କାବ୍ୟ ଛଡ଼ାଇ ନେଇଯିବ ତୁମ ଶାସନ ।

ଦୁଃଖରେ ତାର ଭୟ ନାହିଁ ଚିର ଦୁଃଖକୋଳେ ଯେ ଲାଳିତ
ଶିଖାଇଛନ୍ତି ମୋତେ ହେବୁ ନାହିଁ କେବେ କାହା ମର୍ଜିରେ ଚାଳିତ
ପ୍ରଭୁ ପଦେ ଠୁଳ ସକଳ ଶକ୍ତି
ଢାଳିଦେବୁ ତହିଁ ହୃଦୟ ଭକ୍ତି
ଅଗ୍ନିର ଶିଖା ସମ ଅନ୍ତରେ ବିବେକ ରଖିବୁ ଜ୍ୱଳିତ
ଦୁଃଖରେ ତାର ଭୟ ନାହିଁ ଚିର ଦୁଃଖ କୋଳେ ଯେ ଲାଳିତ

ଖଳ କୁଟିଳର ମନ୍ତ୍ରଣାଭରା ରୁଦ୍ଧ ଏ ରାଜ ଭବନେ
ଶୁଖିଯାଏ ଯେତେ ଅନ୍ତର ଫୁଲ ହଳାହଳମୟ ପବନେ
କୋକିଳ କଣ୍ଠ ଚିପି ଧର ଗାନ
ଶୁଣିବାରେ କବା ବୀର ଅଭିମାନ
ଭଲ ଲଗେ କବା ମୋହିତ ମଧୁର ସଙ୍ଗୀତ ରାଜ ଶ୍ରବଣେ ।
କବିତା ଝରେନା ମରୁଭୂମି ତୀରେ ଲକ୍ଷ୍ମୀ ର କବି ଜୀବନେ ।

ସତ୍ୟରେ ଦେବ କି ଭାଇ ଭାବିଛ ଫୁତ୍କାରେ ତବ ଗର୍ଜନ
ସୂର୍ଯ୍ୟରେ କେବେ କି ଭାଇ ଦେବାକୁ ଝଞ୍ଜା କି ହୁଏ ଭାଜନ ?

ଶତ ବଞ୍ଚନା ମିଥ୍ୟାର ଜାଲ
ଜାଲି ଜଳି ଉଠେ ସତ୍ୟ ମଶାଲ

ଲୁଟେ ନାହିଁ କାଲ କ୍ଷମତାର ଦାବୀ କାନେ କହେ ଯାହା କୂଜନ
ସୂର୍ଯ୍ୟରେ କେବେ କି ଭାଇ ଦେବାକୁ ଝଞ୍ଜା କି ହେବ ଭାଜନ ?
ଆନ ନାମେ କେବେଁ କାବ୍ୟ କବିତା କରିବ ନାହିଁ ମୁଁ ଭଣିତ.
ମୋ ଜୀବନ ଅର୍ଘ୍ୟ କବିତା ମୋହର ତ୍ରିଭୁବପଦେ ଏକ ପ୍ରଣତ -

ନିର୍ଭୀକ ଭାବେ ସତ୍ୟ କହିଲେ
କ୍ଷମତାର ହାତେ ଯେ ଶାସ୍ତି ମିଳେ,

ଦିଅ ସେ ଶାସ୍ତି, ରାଜ ଦରବାରୁ ଶ୍ରେଷ୍ଠ କାରାଗାର ବସତି
ଆନ ନାମେ କେବେଁ କାବ୍ୟ କବିତା କରିବ ନାହିଁ ମୁଁ ଭଣିତ ।

ତା ୨-୮-୫୦—ଶାନ୍ତି ନିକେତନ

ବୀରର ପରୀକ୍ଷା

ଗୁରୁଗୋବିନ୍ଦ ସିଂହ:—

ଛିନ୍ନ ଶିର କି ଦେଖୁଛ ଲୋହିତ ହାତେ
ଖାଲ୍‌ସା ବାହିନୀ ? ହତ୍ୟା କରିଛି କାଲି ଏ ଖଡ୍ଗାଘାତେ
ପୁତ୍ର ରତ୍ନ; ରକ୍ତର ଶେଷ ବିନ୍ଦୁ ପଡ଼ଇ ଝରି
ସ୍ନେହର ତରଳ ସ୍ୱପ୍ନ ସକଳ ଶୁଖି ଶୁଖି ଗଲା ମରି

ଜାତୀୟ କିର୍ତ୍ତି ମରୁଟରେ;
ସେନା ଅନୁକୂଳ ବଳି ଏଇ
ପରଖୁ ଥିଲି ମୁଁ ପ୍ରିୟତମ ଦାନ ପାରିବ କି ନାହିଁ ଦେଇ
ଜାତି ଲାଗି ମୋର; ଜନ୍ମଭୂମିର ଡାକ ଯଦି ବାଜେ କାନେ
ବୁକୁ ତଳ ଶେଷ ଲହୁ ବିନ୍ଦୁରେ ଭସାଇ ପାରିବେ ପ୍ରାଣେ ?
ନ ପାରିଲେ ତାହା କ୍ଷମତାର ମୋହେ ନେବ କି ନେତୃପଣ ?
ମୂର୍ଖ ଜନତା ଅଭିନନ୍ଦନ ପୁଷ୍ପର ବରଷଣ
ଅଯୁତ ପ୍ରଣତି ଲୋଭ ଦୁର୍ଗତି ସଙ୍ଗତେ ଘେନି ଆସେ ।
କ୍ଷମତା ପଙ୍କେ ହୃଦ ପଙ୍କଜ ଫୁଟାଇବ ଏଇ ଆଶେ

ହୃଦର ହୃଦୟ ପ୍ରାଣର ପ୍ରାଣ ମୁଁ ଦେଇଅଛି କାଲି ବଳି
ଏଇ ବଳେ ଦେଶ ଧମନୀ ରକ୍ତ ପାରେ ମୁହିଁ ଦାବୀ କରି ।
ସଂସାର ମାୟା ପୁତ୍ରେ ଟାଣେ ଯା ତାହାରେ କରିଛି ଶେଷ
ମୁକ୍ତି ଲାଗି ମୋ ଖଡ୍‌ଗେ ଗୁହିଁଛି ପ୍ରିୟତମ ମୋର ଦେଶ ।
ଜୀବନ ତୁମର ଶେଷ ଅସ୍ଥିରୁ ନିଗିଡ଼ିବା ଯାଏ ଦଳି
ଶେଷ ରକ୍ତର ଧାରେ ରକ୍ତିମ ହେବା ଯାଏ ଧରାତଳି

ମୁକ୍ତି ଲଭିବ;
ଏଇ ବିଶ୍ୱାସି ନିଃଶ୍ୱାସ ମୋର ଗୁଲେ
ଦେଶ ପ୍ରୀତି ବୀର କୀର୍ତ୍ତି ମହତ ଯୁଗେ ଯୁଗେ କାଳେ କାଳେ ।
ପଢ଼ିଲେଇ ଯିବ ରେ ଦିଲ୍ଲି ପ୍ରତାପୀ ସମ୍ରାଟ ତରବାରି
ସେଇ ବିଶ୍ୱାସେ ଲୋଡ଼େ ଅଉ ମୁହିଁ ବୀର ମସ୍ତକ ଗୁରୁ ।
ଗୁହେଁ ଦୁର୍ମଦ ବୀର
ତିଳେକ କୁଣ୍ଠା ମନେ ନାହିଁ ଯା'ର ବଳି ଦେବା ଲାଗି ଶିର ।
ସେହି ଗୁରୁ ବୀର ଶିର ଛେଦିବ ମୁଁ ଖାଲସା ବାହିନୀ ଆଗେ
ପ୍ରତି ସୈନିକ ଲଲାଟେ ରକ୍ତ ଚନ୍ଦନ ଅନୁରାଗେ
ଦେବ; ଶୃଙ୍ଖଳା ଲକ୍ଷ୍ୟ କରିବ ବର୍ଷୁଁ ଜୀବନ କାଢ଼ି
ରକ୍ତେ ବୁଡ଼ାଇ ରାଜ୍ୟ କେତନ ଗୁଳିବି ମୁଁ ଆଗେ ମାଡ଼ି ।
ଜାତି ପ୍ରେମ ତାପେ ଉଷ୍ଣ ରକ୍ତ ଦେବ ଯେ ଆସ ରେ ଆଗେ
ରକ୍ତପିପାସୁ ଶାଣିତ ଖଡ୍‌ଗ ଗୁରୁ ମସ୍ତକ ମାଗେ ।

ଗୁରୁ ଗୋବିନ୍ଦ ସିଂହଙ୍କର ସ୍ଥିର ଗୁରୁ ଗମ୍ଭୀର ବାଣୀ
ଧୈର୍ଯ୍ୟ ବର୍ମ୍ମ ହାଣି

ଶିଖ ବାହିନୀର ମର୍ମେ ବାଜିଲା ଆସି ।
ବାଣୀର ଉଷ୍ଣ ଉତ୍ତେଜନାରେ ଯେହ୍ନୁ ଯାଇଥିଲେ ଭାସି,
କର୍ମର ଘୋର ନିର୍ମମ ଡାକେ କାତର ହୋଇଲେ ସେହ୍ନୁ
ଧୈର୍ଯ୍ୟ ଶୌର୍ଯ୍ୟ ଶକ୍ତି ସାହସ ଲିଭିଗଲା କ୍ଷଣେ ଦେଖୁଁ ।
ନିଜ ବିନା ଅନ୍ୟ ଗୃହୀ ଶିର କଥା କିଏ କଳ୍ପନା କରେ
ଭୀରୁ ଉଦ୍‌ବେଗେ ବୁକୁ ଦୁରୁଦୁରୁ ବିଦ୍ୟୁତ ସମ ଥରେ ।

ଶୀତ କମ୍ପିତ ଅନ୍ତରରେ କା'ର ଝଞ୍ଜା ଆସଇ ଛୋଟି
କାଢିରତା କା'ର ବିଷାଣ ବାଟେ ବନ୍ଦ କରଇ ତୋଟି ।
ଗୃହେ କିଏ ଜଳ ଜଳ
ରକ୍ତବିହୀନ ତେଜ ହୀନ କିଏ ଶବ ସମ ନିଶ୍ଚଳ ।

ପାଷାଣ ମୂର୍ତ୍ତି ଗୁରୁ ଗୋବିନ୍ଦ ଗିରି ସମ ଗରୀୟାନ
ଶୂନ୍ୟତା ବୁକେ ବାଜେ ବ୍ୟର୍ଥତା ବ୍ୟଥିତ ବାଣୀର ଗାନ ।

କୁଜ୍‌ଝଟୀ ଭେଦି ସୂର୍ଯ୍ୟ ଯେସନ କିଏ ସେ ଉଠିଲା ବୀର
ଭିଦ ଗଉରବେ ପୁଲକିତ ମୁଖ ଉନ୍ନତ ତାର ଶିର ।
ଦର୍ପିତ ପଦେ ଉଦ୍ଧତ ମଦେ ଗୁରୁ ଗୋବିନ୍ଦ ଆଗେ
ନିଅ ମସ୍ତକ ଖଣ୍ଡାଇତ ମୁଁ ବୋଲେ ନିର୍ଭୀକ ଭାବେ ।

ବୀର ଦୁର୍ଦ୍ଧର୍ଷ ବନ୍ଦୀ ମୋ ନାମ ଉତ୍କଳ ଅଧିବାସୀ
ଗଜପତି ରାଜ ଧ୍ୱଂସେ ସୁଦୂର ପଞ୍ଜାବ ଅଛି ଆସି

ଦେଶ ସ୍ୱାଧୀନତା ଦସ୍ୟୁ ଉପରେ ପ୍ରତିଶୋଧ ନେବା ପାଇଁ ।
ମୋ ବୁକୁ ରକ୍ତେ ତିଳକ ଅଙ୍କ ବୀର ସୈନିକ ଭାଇ ।
ଜନ୍ମଠେ ବସି ଯା କର୍ଣ୍ଣେ ଭାସିବ ଏଇ ଉତ୍ସାହ ବାଣୀ
ବିଦେଶୀ ଦେଇଛନ୍ତି ତୁମ ଦେଶ ଲାଗି ବକ୍ଷ ତାହାର ହାଣି
ତୁମେ ଦେଶବାସୀ
ତୁମ ସଇନିକ କର୍ମ କି ଭାବ ଥରେ ।
ନାଅ ମସ୍ତକ ନୁଅ ହେ ଗୁରୁଜି ପାଦେ ମସ୍ତକ ଖରେ ।

ଗୁରୁଙ୍କ ବନ୍ଧ ସ୍ୱର୍ଣ୍ଣଭୂଷିତ ଖରଶାଣ ତରବାରି
ଉତ୍ତୋଳି ଖରେ ଗର୍ଜିଲେ ଶୂନ୍ୟେ କ୍ରୋଧଭରେ ହୁଙ୍କାରି ।
ଲକ୍ଷେ ସୈନ୍ୟ ଅପଲକ ଆଖି, ତରବାରି ଶିର ପରେ
କ୍ଷଣକେ ଲୋଟିବ ଦୁର୍ଦ୍ଧର୍ଷ ବୀର ଧରଣୀ ଧୂଳିର ତଳେ ।
ସହସା କି ହେଲା ଗୁରୁଜି ବଦନେ ହାସ୍ୟ ଉଠିଲା ଫୁଟି
ନୟନ ବିନ୍ଦି ନିଭଗଲା ହେଲା ଶିଥିଳ ଖଡ୍ଗ ମୁଠି ।
କହିଲେ ଗୁରୁଜି 'ଶିଖ୍ ବାହିନୀର ମହାସେନାପତି ତୁମେ
ନାମେ ଦୁର୍ଦ୍ଧର୍ଷ କାମେ ଦୁର୍ଦ୍ଧର୍ଷ ଦୁର୍ଗ ହେ ରଣ ଭୂମେ ।
ସାହସେ ଖାଲ୍‌ସା ପାଞ୍ଚି ବାଦସା ଜଣିବ ଜାଗଇ ଅଶା
କହି ଚୁମ୍ବିଲେ ସ୍ନେହରେ ଗୁରୁଜି ଅଶ୍ରୁ ରୋଧିଲା ଭାଷା ।

ବିଦ୍ରୋହୀ ମଙ୍ଗଳ ସିଂହ

କହିଲ ମଙ୍ଗଳ—

ବାରାକ୍‌ପୁରେ ଯେତେ ସିପେହି ଶୁଣ ।
ଗୋଲାମ୍ ହୋଇ ଶତ ସଲାମ୍ ଦେବା ଯେଉଁ ଜାତିର ଗୁଣ
ଭାଗ୍ୟ ତା'ର ଚିର ଅନ୍ଧକାରେ ଘୋର ଅନ୍ଧକାରେ
ମୁକ୍ତି ଅସେ ନାହିଁ କଲମ ଗାରେ ଅସେ ବଲମ ଧାରେ ।
ଜନମ ମାଅଟି ସେ ଜନ୍ମ ମାଟି !
କାଟ ଚରଣ ଫାଶ
କହିଲ ମଙ୍ଗଳ ବାରାକ୍‌ପୁରେ ଯେତେ ସିପେହି ଅସ ।

ଲଜ୍ଜା ନାହିଁ କେତେ ଭୋଗିବ ଲାଞ୍ଛନା ବିଦେଶୀ ହାତେ
ବ୍ରିଟିସ୍ ସିଂହର ମୁଣ୍ଡ ଓଟାରିବ ଅସ ମୋ ସାଥେ ।
ଉଠିବ ଯେତେ ଭୀରୁ ଡରିଥିବ ତେତେ ଥରାଇ ଛାତି
ଡାକେ ମୁଁ ମଙ୍ଗଳ ଡାକେ ମୋ ଦେଶ ଅଜି
ଡାକେ ମୋ ଜାତି ।

ସୈନ୍ୟ ଭେକ ସାଥେ ଫିଙ୍ଗିଦିଅ ଯେତେ ଗୋଲମ୍‌ଗିର
କ୍ରୋଧରେ ଡମ୍ ଡମ୍ ପୋଷାକ ଠିକ ଠିକ ଦେଲା ସେ ତାର
ବୁଲେଟ୍ ଘାତେ
ମେଜର୍ ଓଲଟିଲା କଲିଜା ଲହୁ ବୋଳି ନେଲା ନିଜ ହାତେ,
ରକ୍ତବୋଳା ହାତ ହଲାଇ ବୋଲେ ଯେତେ ସିପେହି ଶୁଣ
ହେବାରୁ ପୋଷାଖାନ କେଶରୀ ହତଭାଗାରେ ନାହିଁ କି ଗୁଣ ?

ପ୍ରଥମବଳି ଲହୁ ଭାରତ ମୁକ୍ତିର ଯେନ ରେ ଚିତା
ରକ୍ତ ଶ୍ରାବଣରେ ଭିଜାଇ ବୈଶାଖରେ ଆଣିବା ସୀତା ।-
“ଶତ୍ରୁଙ୍କ ବର୍ଷିତ କ୍ରୋଧର ପ୍ରତିଶୋଧ ଶୋଧିବ କିଏ ଶିର ?”
“ଆଉରି ଚାହୁଁ ଆମେ ରକ୍ତ” ଏକସ୍ୱରେ କହିଲେ ବୀର ।
“ରକ୍ତ ଚାହିଁ ?
ଗୋଟିଏ କଣ୍ଠରେ ଜନ୍ମଭୂମି ଗୀତି ଗାଅ ହେ ତାଅ ।

ଆସିଲା ଲେଫ୍ଟେନାଣ୍ଟ ସିଂହ ପରେ କ୍ରୋଧ ନୟନ ଚାଳି
ଛିଡ଼ିଲା ମୁଣ୍ଡ ତା ଅଗକୁ ନ ଅହୁଣୁ ଦ ପାଦ ଚାଲି ।
ବୁଲାଇ ତଉଦାରେ ଫିରଂ ଲହୁ ଧୂଆଁ ଲୋହିତ ଧୂତ
ବୋଲଇ ବିଦ୍ରୋହୀ “କାଲି ମୁଁ ଦେବି ମୋର ଜୀବନ ପାଇଁ
ନିପାତ କରିବା ରେ ନିପାତ ଏହାପରି ବିଦେଶୀ ସେନା
ଆଦାୟ କରିନେବା ଯେତେକ ଦେଶୀ ଲହୁ ନେଇଛି ଦେନା ।

ବାଧ୍ୟ କରି ହାତେ ଆମରେ ବିଦେଶୀର ଶାସନ ଚଳେ
ଦେଇଛୁ ଲକ୍ଷ୍ମୀନା ଦେଶବାସୀରେ ପଣି ଶାସନ କଲେ ।

ମଡ଼କ ମହାମାରୀ ନଅଁକ ମାତୃଦେଶେ ଦେଇଛୁ ବୁଣି
ଗୋଲାମୀ ଶିକ୍ଷାରେ ସ୍ୱଦେଶ ଦ୍ରୋହରେ କରିଛୁ ଖୁଣି ।

ଆତ୍ମ ଦୁର୍ବଳତା

ବିଦେଶୀ କୁହେଳି ମୁଣ୍ଡି ଦୋହିଁ କାହିଁ ଆମରି ମଥା ।

ଦୁଃସାହସ ଦେଖି ସହସା ପ୍ରବେଶିଲ ବ୍ରିଟିସ୍ ଥାଟ
ଭାରତ ଜାତି ଅବା ଫୌଜଦେବେ କୋଥେ ନ ଦିଶେ ବାଟ ।

କାଳିର ବନ୍ଧୁ ଏ ହାତରୁ ବନ୍ଧୁକ ଧଇଲେ ତୋଳି
ନାଚିଲା ମଙ୍ଗଳ ସିଂହ ଲହୁ ସାରା ଶରୀରେ ବୋଲି ।

"ମରିବ ନାହିଁ ଅରି କଳଙ୍କ ହାତେ କେବେହେଁ ମରିବ ନାହିଁ"
ଧର୍ମ ଦେଶଜାତି ପୁଣ୍ୟ ଗୀତିକା ସେ ଉଠିଲା ଗାଇ ।

ନିଜର ବକ୍ଷରେ ଲକ୍ଷ୍ୟ କରି ବେଗେ ମାଇଲା ଗୁଳି
"ମୁକ୍ତ ଭାରତ ରେ" "ଭାରତ ମୁକ୍ତ ରେ" ବଜାଇ ତୁରୀ ।

ରକ୍ତ ଧାରେ
ସବୁଜ ଭୂମି ପରେ "ଭାରତ ମୁକ୍ତ ରେ" ଲେଖିଲା ବାରେ ।

ଅଂଗ୍ରେଜ ଦେଖି ଏଦେଶ ଅଗ୍ନି ଶିଖା ଦେଖାଇ ଉଠେଇ ଜାଳି
ମୁକ୍ତିବାଣୀ ନାର, ପଡଇ ବିଦେଶୀର ଶାସନ ଟେଳା ।
“ଜୟ ହେ ମଙ୍ଗଳ” ଘୋଷେଣି ପନ୍ଥୁଆର ଟେକି ଗୁଡାଳ
ଶହୀଦ୍ ଆଦରବେଶ ଅସୁରବି ଭାରେଁ ରକ୍ତ ଧାରେ ।
ମଦନ ଖଡ୍ଗର ଅଗ୍ନିବାଣ ଧାର ଦହେ ଧର
ନହିଁ ସେ ବିଚଳି ବିପୁଳ କାଳାନଳ ଉଠିଲା ଜଳି
ସୁଖ ସେ ଭାର
ବିଦେଶୀ ସଙ୍କଟେରେ ବିହ୍ବଳ ନେତାଙ୍କୁ ଅଧିକାର ।

ଗୋହିରି ଟିକିରି

ଗୋହିରି ଟିକିରି, ପରାଜୟନତ ମଥା ତୋଳ
ମୋ ଜାତି ଅତୀତ ବ୍ୟଥିତ କାହାଣୀ ବାରେ ବୋଲ ।
ଶିଳଣତ ଧ୍ୱଜା ନଇଁଥିଲା ଯେଉଁ ଘଟିକାରେ
ଅଙ୍କି ଦିଅ ମୋ କିଳଧନା ପଟେ ଅଜା ବାରେ ।
ଲହୁ ସୁଏ ଭାସି ଯାଇଥିଲା ଜାତି ସ୍ୱାଧୀନତା
ଗୋହିରିଟିକିର, ଶୁଣା ମୋତେ ଥରେ ସେଇ କଥା ।

ଗଙ୍ଗା କାବେରୀ ସୀମା ଥିଲା ଯେଉଁ ମୁଲକର
ବିସ୍ମିତ ଭାବେ ଚାହିଁଥିଲା ଅଖି ଭୂଲୋକର
ଭୂତଳେ କି ଲାଗି ଶୋଇଲା ସେ ଲଭି ଅପମାନ
ଗୋହିରିଟିକିର, ଶୁଣା ଥରେ ସେଇ ଶୋକ ଗାନ
ମୁକ୍ତ ଜାତିର ସୂକ୍ତି ସେ ବାରେ ବୋଲ, ବୋଲ
ଗୋହିରିଟିକିର, ପରାଜୟନତ ମଥା ତୋଳ ।

ଶିଖିମନାଇରେ ମନେଇ ପାରିଲ ଯେବେ ଅରି
ଆଶାରେ ହୃଦୟ ହରି ଝଟନେ ଭରି ଅଞ୍ଜଳି ।

ମେରୁ ହାଡ ସେଇ ଜାତିର ଥିଲ କି କହ, କହ
ଗୋହତ୍ୟା ଠିକାଦ, ହୁଅ ନିର୍ଦ୍ଦୟ, ନିର୍ଦ୍ଦୟ ।
ବଂଶୁାସଦାତା ନିର୍ମମ ଗାଥା ବୋଲ ବୋଲ
'ଗୋହତ୍ୟା ଠିକାଦା, ପରିବନ୍ଦନତ ମଥା ତୋଳ ।

କାଢ଼ି ନେଇ ଭେଷ୍ଟା ହାତେ ଦେଇ ଖୋଳି କରତାଳ
ଦେହେ ନାମାବଳୀ, ହସ୍ତେ ତୁଳସୀ ଜପାମାଳ
ଅନ୍ତର ତଳୁ ଶୋଷି ନେଲେ ଚିର ବୀରପଣ
ଇହଲୋକ ଭୁଲି ପରଲୋକ ଲଗି କାନ୍ଦିନ ।
କରମ କର ସେ କୁର୍ମ ହୋଇବା କାହିଁ ଗଲ
ଯାହା ତାହା ଭାବେ ତୁଷ୍ଟ ହୋଇ ମୋ ଜାତି ମଲ ।
ସିଂହ ଜାତିର ଶୃଗାଳ କାହାଣୀ ବୋଲ, ବୋଲ
ଗୋହତ୍ୟା ଠିକାର, ପରିବନ୍ଦନତ ମଥା ତୋଳ ।

ତେଣୁଁ ଦେଶେ ହେଲୁ ବିଦେଶୀର ପଦେ ଅବନତ
ଗୋହିରି ଟିକିରି, ଦେଖା ଦେଖା ବାରେ ସେହି କ୍ଷତ ।
ଲୁପ୍ତ କରିବ ତୋ ଦେଶର ଯେତେକ ଶାସ୍ତ୍ରୀୟଣ
ସମ୍ଭବ ଆଉ ହେବ ନାହିଁ ଜାତି ବନ୍ଧନ ।
ପରାଧୀନ ଜାତି ଲଭିନା ଠାଆ ଶ୍ରେଣିମାରେ
ମୁକ୍ତି ଦିବସେ ଅଗ୍ରହ୍ମ ନନ୍ଦଣ୍ ଜାଗେ ବାରେ ।
ଦୁର୍ବଳତାର ଦୁର୍ବହ କ୍ଷତ ଖୋଲ୍, ଖୋଲ
ଗୋହିରି ଟିକିରି, ପରାଜୟନ୍ତ ମଟି ତୋଳ ।

—୧୯୪୮—

ବୀର ଜନନୀ

ସଂଗ୍ରାମରୁ ଫେରି ଜନନୀ ଚରଣେ ବନ୍ଦିଲ ସଞ୍ଜୟ
ବିଦୁଲା ପୁଚ୍ଛେ କି ହୋଇଛନ୍ତି କହ ବିଜୟ କି ପରାଜୟ ?
ବକ୍ଷ ବେଦନା ନିଂଗାଡ଼ି ନିଝର ଦେଇ ଝୁଲା ଲୋତକ ଧାରେ
ନୟନେ ନିଦ୍ରା ନଇଲା, ଚାହିଁଛନ୍ତି ବସି ଏ ବିଜନ ଦ୍ୱାରେ ।
ସଂଗ୍ରାମ ଲଗ୍ନ ହସ୍ତେ ତୋହର ଦେଇଥିଲି ତରବାରୀ
ଦେଇଥିଲି ମୋର ଅନ୍ତର ଭିତ୍ରୁ ଗଭୀର ଆଶିଷ ଢାଳି ।
ସଂଗ୍ରାମେ ଛୁଟି ବୁଝେ ନା ତଥାପି ବୁଝେ ନା ଜନନୀ ମନ
ଶୂନ୍ୟରୁ କିବା ଶୂନ୍ୟତର ମୁଁ ଅନୁଭବେ ହୃଦେ ମମ ।
ଏକ ପୁତ୍ରର ଜନନୀ ଜୀବନ ଜୀବନ ନୁହଇ ଆରେ
ଜୀର୍ଣ୍ଣ ନଉକା ସମ ଭାସୁଥାଏ ଉଷ୍ଣ ଲୋତକ ଧାରେ ।
ମହାଶଙ୍କାର ବିଭାସ ତାହାର ହତାଶ ବକ୍ଷେ ବାଜେ
ପ୍ରତିକୂଳ ଏକ ବଜ୍ର ନିନାଦେ ହାହାକାର ଯାରେ ଭାଜେ ।
ଜୀବନୁଁ ଜୀବନ ସମ୍ମାନ ବଡ଼, ସେଇ ଲକ୍ଷ୍ୟ ମୋ ଲୟ
ବିଜୟୀ କି ଆଜି ମହା ସଂଗ୍ରାମେ କିମ୍ବା, କହ ସଞ୍ଜୟ ।

ମଉଳି ମଉନେ ଛୁଟିଲା ସଞ୍ଜୟ ନୋଇଁ ଦୁର୍ବଳ ମଥା
ଅଙ୍ଗା ଉତ୍ତାପ ଯାଇଅଛି ନିଭି, ମୁଖେ ନାହିଁ ପଦେ କଥା ।
ନୀରବେ ନଜରେ ଧିକ୍କାରେ; ଝରୁ ମଳିନ ଅଶ୍ରୁ କଣା.
ଘୋଷେ ପରାଜୟ !
ବଦୁଲା ନୟନେ ଅଗ୍ନି ହୋଇଲା ଜମା ।
ଗର୍ଜି କହିଲା, "କାନ୍ଦୁରେ ମୃତ ନାରୀ ସମ ନିରୁପାୟେ,
ଶୌର୍ଯ୍ୟ ବୀର୍ଯ୍ୟ ନାହିଁ ଯହିଁ ସେହି ଦେହ ମୃତ୍ତିକା ପ୍ରାୟେ ।
ମୋହର ରକ୍ତ ମାଂସେ ଗଢ଼ା କି ଏଇ କାପୁରୁଷ ଦେହ ?
ଧିକ୍ ଧିକ୍ ମାଟି ପିଣ୍ଡୁଳା ପରେ ଢାଳି ଥିଲି ମୋର ସ୍ନେହ ।
ବଦ୍ୟୁତେ ତୋର ମନ ଗଢ଼ିଥିଲି ବିପ୍ଳବ ଗୀତ ଗାଇ
ଧିକ୍ ଧିକ୍ ଦେଲୁ ଧୂମ ଭସ୍ମରେ ବଦନ ମୋହର ଘଷି ।
ଅକ୍ଷତ ଦେହେ ପରାଜୟ ବୀର ହୀନତମ ପରିଚୟ
ଏକ ହାତେ ସେ ଯେ ଧରଇ ମୃତ୍ୟୁ ଆନ ହାତେ ଧରେ ଜୟ ।
ପୁତ୍ର ହୋଇ ଯା ଅପଯଶ ଫାଶୀ ବେଷ୍ଟେ କଲୁ ମୋ ଗାତ୍ର
ବନ୍ଧ୍ୟା ହେଲେ ତ ନଥିଲା ରେ ଏଇ ନିଦାରୁଣ ଉତ୍ପାତ ।
ଦୂର୍ ହୁଅ ଆଜି ଜନନୀ ଭାଗ୍ୟ ଉଭାଇ ଦିଏ ମୁଁ, ଲୁହେ
ସଞ୍ଜୟ ମୋର ସନ୍ତାନ ନୁହେଁ, ସନ୍ତାନ ନୁହେଁ, ନୁହେଁ ।

ଦାବାନଳ ସମ ଜଳି ଉଠେ ବୀର ମିଶିଲା ଅନ୍ଧକାରେ
ବିଦ୍ୟୁତ ସମ ଗଗନ ବିଦାରି ଉଦ୍ୟତ କରବାଲେ ।

ତା ୩।୩।୫୦ — ଶାନ୍ତିନିକେତନ

ଶ୍ରମର ଗୌରବ

କପିଳେନ୍ଦ୍ର ଗଜପତି, ଗଲେ ଦିନେ ପୁତ୍ରଙ୍କ ଗହଣେ
ଜଗନ୍ନାଥ ଦରଶନେ; ଉତ୍ତରୀୟ ମନ୍ଦିର ପ୍ରାଙ୍ଗଣେ
ସହସା ପଡ଼ିଲା ଖସି; ରାଜଶିର ଅବନତ କରି
ଅଣିଆନ୍ତେ ଦ୍ୱିଧାହୀନ ନିଜେ ତୋଳି ନିଜର ଉତ୍ତରୀ
ନୀଳମଣି; ଶ୍ରମେ ତ ନଥିଲା ଲଜ୍ଜା;
ରାଜ ଅଭିମାନ
ଦେଖି ତ ନ ଥିଲା ଦିନେ କର୍ମ ଦାବୀ କର୍ମର ସମ୍ମାନ ।

କଟାକ୍ଷ ଇଙ୍ଗିତ ନୋହୁଁ ଦେଇଥାନ୍ତେ ହସ୍ତେ ଅନୁଚର
ଉତ୍ତରୀୟ; ନିବାରିଲେ ଅଙ୍ଗୁଳି ଇଙ୍ଗିତେ ନରେଶ୍ୱର
ସୁଚତୁର ଭାବି କିସ ମନେ ମନେ;
ଗଙ୍ଗାରୁ କାବେରୀ
ବାଜେ ମନ୍ଦ୍ର ନାଦେ ଆଜ୍ଞା ଗଜପତି କପିଳେନ୍ଦ୍ର ଭେରୀ ।
ସମ୍ଭାଳିବ ଏ ରାଜ୍ୟ ସେ ବୁଝେ ଯେହୁ ଶ୍ରମର ଗୌରବ
ସିଂହାସନେ ରାଜା, ଯୁଦ୍ଧେ ସେନାପତି, ଶ୍ରମିକ ଯେ ହବ

କର୍ମକ୍ଷେତ୍ରେ;

ଶ୍ରମ, ଶ୍ରମ ଚଉଦିଗେ ଶ୍ରମର ଆହ୍ୱାନ
ଶ୍ରମ ତଳେ ଲୁକ୍କାୟିତ ସୁଖ ଶାନ୍ତି ଉନ୍ନତି ଉତ୍ଥାନ ।
ଶ୍ରମ ଯେ ପ୍ରଭୁତ୍ୱ; କୋଟି ଦୀନ ପ୍ରଜା ଦୁଃଖ ନିବାରଣେ
ଚାହେଁ ମୁହିଁ ରାଜପୁତ୍ର କର୍ମେ ଯେ ଶ୍ରମିକ ହେବ ଜଣେ
ସାମ୍ରାଜ୍ୟ କଲ୍ୟାଣବ୍ରତୀ ବିଳାସ ଲାଳସା ଦେଇ ବଳି;
ଅଯୋଗ୍ୟ ଯୁବକ ଯୁବରାଜ ଶିରେ ଦେବ ନାହିଁ ଭର
ଏ ରାଜ ମୁକୁଟ, ଖାଲି ଅନୁସରି ପରମ୍ପରା ରୀତି;
ଗତା ପଥେ ଚଳେ ନାହିଁ ଦେଶର ହିତୈଷୀ ରାଜନୀତି ।

ଯୋଗ୍ୟରେ ଆସନ ଦେବ;

ଗୁହିଁଲେ କୁମାରେ ନରରାଣ
କାଞ୍ଚନ ଭୂଷଣୁଁ ଛୁଟେ ବିଦ୍ୟୁତ୍ ତେଜ କରି ମ୍ରିୟମାଣ
ଶରଦ ରବିର କର;

"ମହାମାନ୍ୟ ରାଜପୁତ୍ର ଆମେ
ନିଜକରେ କରିବା କ୍ଷୁଦ୍ର ଆଜି ଏଇ ହୀନ ଭୃତ୍ୟ କାମେ ?
ଛି—ଛି ସେ ଶୁଣନ୍ତୁ ପିତା ଶୁଣନ୍ତୁ ବା ଦେବ ଭଗବାନ୍
କି କହିବେ ଦେଶ ଲୋକେ ଛୁଅଁ ନା ଉତ୍ତରୀ ସାବଧାନ୍ ।"

ତରୁଣ ପୁରୁଷୋତ୍ତମ; ଉଦାର ଉତ୍ସାହପୂର୍ଣ୍ଣ ହାସ
ସର୍ବ କର୍ମେ ସାହାଯ୍ୟ କର୍ମେ ସହାୟ ହେବାର ଅଭିଳାଷ
ଅଧରେ କରଇ କ୍ରୀଡ଼ା; କାହିଁ କିଛି ନ ଘଟିଲା ପର
କ୍ଷିପ୍ର ପଦେ ରାଜହସ୍ତେ ତୋଳି ଦେଲେ ଶ୍ରୀଅଙ୍ଗ ଉତ୍ତରୀ ।

ଉଚ୍ଛୁଳି ସ୍ନେହର ଧାରା ଲଲାଟେ କରିଲା ଏ ଉଲ୍ଲେଖ
ପୁରୁଷୋତ୍ତମ ହେ ଆଜ ହେଲା ତୁମ ରାଜ ଅଭିଷେକ ।

ତା ୧୬।୧୦।୫୦—ଶାନ୍ତିନିକେତନ

ବୁଦ୍ଧଙ୍କ ଆଶୀର୍ବାଦ

ଶରଦର ଖରତର ଖରା କରଇ ପ୍ରଚୁର
ବୁଦ୍ଧଦେବ ଲଭିଲେ ଅଲୋକ, ଆଲୋକ ଉଦାର ।
ଫଲ୍‌ଗୁଣୀରେ ଫୁଲ ଅଖି ମେଲି ପୃଥ୍ୱୀଦେବୀ ଚାହେଁ
ଚଉଦିଗ କହେ ନମସ୍କାର ବୁଦ୍ଧଦେବ ଆହେ ।
ଟାହିଁ ଧାଇଁ- ବୋଲଇ ପବନ ଶୁଣ ସର୍ବ ଲୋକ
ପୁହାଇଲେଣି ଏବେ ଅମାରାତି ପୃଥିବୀ ଆଲୋକ ।
କାହିଁ ବୁଦ୍ଧ ବୋଧିବୃକ୍ଷ ତଳେ ?
କଙ୍କାଳର ଅଙ୍ଗେ
ଯା' ଆସ କରୁଛି ନିଃଶ୍ୱାସ ତରଙ୍ଗେ ତରଙ୍ଗେ ।
ତଥାପି ସେ ଅଖି ଖେଲେ ଖୋଲେ ବିଜୁଳି ଚମକେ
ଅସ୍ଥିମାଳେ ଫୁଟେ ଦିବ୍ୟ ତେଜ ସ୍ତବକେ ସ୍ତବକେ ।

ସେ ଅଲୋକେ ଦିଶିଲେ ଅବନତ ଏପୁଷ ଭଙ୍ଗିକ
ରବି କି ଆଚରେଛନ୍ତି ଏଥି ବ୍ରତ ତାପସିକ ?

ଝର ଝର ବଦନୁଁ ଗୃହିଣୀ ଅଲେକେ କାନନ
ଆନନର ଦଳପତ୍ରେ ଫୁଟି ଉଠେ ତ୍ରିଭୁବନ ।
ବନର ଦେବତା ମଣି ପାଦେ ଦେଲେ ପୁଷ୍ପାଞ୍ଜଳି
ମନର କଳୁଷା ଢଳେ ଢଳେ ଗଲା ଝର ଝରି ।
ଅନାହାରେ ଅସ୍ଥା ରେ କାହିଁକି ଏ ଦେହ ମଳିନ
ଗୋଟି ଗୋଟି ଗଣାଇ ପିଞ୍ଜର ଶ୍ୱାସ ଅତି କ୍ଷୀଣ ।
ସୁବର୍ଣ୍ଣର ଥାଳୀ ଦେଲେ ଭେଟି ଦୁଗ୍ଧ ମଧୁ ଭରି
ବୁକୁର ବେଦନା ବିନ୍ଦୁ ବିନ୍ଦୁ ଲୋତକେ ପଡ଼େ ଝରି ।

ଦେଖିଲେ ଯେ ଭକତର ଅର୍ଘ୍ୟ କ୍ଷୀଣ କର ପାତି
କରୁଣାରେ ପାଣି ହୋଇଗଲା ବୁଦ୍ଧଙ୍କର ଛାତି ।
ମଣିଷର ଉଦାର ଅନ୍ତରେ ଦେଖେଁ ଭଗବାନେ
ଏତେ କାଳ ତପସ୍ୟାରେ ମୁହିଁ ଥିଲି ଯା ସନ୍ଧାନେ ।
ଜାଣେନା ମୁଁ ସ୍ୱର୍ଗଭୂମି ଅବା ବୁଝେନା ଦେବତା
ପର ଦୁଃଖେ ଯା'ର ଅନ୍ତସ୍ଥଳ ଝରଇ ମମତା ।
କରୁଣାର ଦିବ୍ୟଭୂମି ତାର ନିର୍ମଳ ଅନ୍ତର
ଅଶ୍ରୁ ତାର ପରମ ପବିତ୍ର ସ୍ୱର୍ଗ ଗଙ୍ଗା ଜଳ ।
ଉଦାରତା କଳ୍ପବଟ ତହିଁ ତ୍ୟାଗ କାମଧେନୁ
କର୍ମେ କର୍ମେ ଝରଇ ମହତ୍ତ୍ୱ ପାରିଜାତ ରେଣୁ ।

ଫୁଟେ ତେଣୁ ହୃଦୟ ମଧ୍ୟରେ ପବିତ୍ର ମଣିଷ
କହୁଁ କହୁଁ ଝରି ଆସେ ଅଟପ ସ୍ୱର୍ଗୀୟ ଆଶିଷ ।

ବଣିକ ହେ ସର୍ବ ଭବେ ହେଉ ତୁମର ମଙ୍ଗଳ
ଉଦାର ଉନ୍ନତ ହେଉ ପ୍ରାଣ ସାଧନା ଉଜ୍ଜ୍ୱଳ ।
ପୋତମାଳ ଧାଉଁ ପାରାବାରେ ବୋହିଆଣୁ ଧନ
ଲକ୍ଷ୍ମୀଦେବୀ କଣ୍ଠେ ବିରାଜନ୍ତୁ ପୁଷ୍ପମାଲ୍ୟ ସମ ।
ଢାଳିଦିଅ ସ୍ନେହ ଧନରାଶି ନିଖିଳ କଲ୍ୟାଣେ
ନ ଆସୁ ହେ ଜାତିଦେଶଭେଦ ବର୍ଣ୍ଣଭେଦ ପ୍ରାଣେ ।
ଚଉଦିଗୁଁ ରୋଗ ଶୋକ ତୃଷ୍ଣା ଦିଅ ଦୂର କରି
ଦେଶେ ଦେଶେ ନବୀନ ଆଲୋକ ଉଠୁ ହେ ସଞ୍ଚରି ।
ବେନାଂଶିଷ୍ୟ ପଡ଼ିଛନ୍ତି ପଦେ ଝରେ ଅଶ୍ରୁଧାର
ଅକସ୍ମାତ୍ ପଶିଅଛି ପ୍ରୀତେ ରଶ୍ମିର ଜୁଆର ।
କାନନ ମର୍ମରେ ସ୍ୱପ୍ନେ ଶୁଭେ ମଧୁର ରଣନ
ବୁଦ୍ଧଙ୍କ ଶରଣ ଗଲୁ ଆମେ ଧର୍ମର ଶରଣ ।

୨୪-୧୦-୫୦—ଶାନ୍ତି ନିକେତନ ।

ପୁରସ୍କାର

ଶତ ଗିରି ଶୃଙ୍ଗ ଲଙ୍ଘି ଶତ ବିଘ୍ନ ପଦ ଦଳି ଗୃହି
ଭୁଲି ନାହିଁ ଦେଶ ପ୍ରଭାତ ସେ ସୁନ୍ଦର ପ୍ରଭାତ ଅଦ୍ୟାପି ।
ଭୁଲି ଜନ୍ମଭୂମି ମାୟା ଫିଙ୍ଗି ଯେବେ ବିସ୍ମୃତିରି ତଳେ
ସେନେହ ବନ୍ଧନ ଯେତେ, ଉଭା ହେଲ ବିମୁଗ୍ଧ ଅନ୍ତରେ
ସିନ୍ଧୁ ନଦ ତୀରେ;
ଛୁଇଁ ଭାରତର ପୁଣ୍ୟ ତୀର୍ଥ ବୋଲି
ଲୁପ୍ତ ହେଲା ଅବସାଦ; ଏକ ବିନ୍ଦୁ ଅଶ୍ରୁ ଜଳ ଢାଳି
ପ୍ରଣମିଲ ଜ୍ଞାନ ଗୁରୁ ଭାରତର ଅମୃତ ଆତ୍ମାରେ
ଗୋଧୂଳି ଲଗନେ ଆଜ ସେ ପ୍ରଭାତ ଲାଗେ ବାରେ ବାରେ
ସଂସାର ବିରାଗୀ
ଆସିଥିଲ ଖାଲି ଜ୍ଞାନ ଲାଗି ।

ସରଳ ଜୀବନ ଉଚ୍ଚ ଚିନ୍ତା ଚିର ଭାରତ ଭୂଷଣ
ମୁଖେ ମୁଖେ ବାକ୍ୟେ ବାକ୍ୟେ ଫୁଟି ଉଠେ ଗଭୀର ଦର୍ଶନ
ଜ୍ଞାନ ଲଗି ଆତ୍ମବଳି ମହାତ୍ମାର କି ମିଳି ଭାତ
ହୃଦ୍‌ଯାଦୁରୁ ଲୁଆଡ଼ିକା ଭୂଲ୍ ଏଇ ଜ୍ଞାନ କଲି ଲଭ ।

ଏ ବିଦାୟ ଯେତେ
ଅଶ୍ରୁ ଲୋଟିଛି ଅଧରେ ନୟନେ ।

ହେ ଶ୍ରଦ୍ଧେୟ ରାଜାଗଣ,
ହୀରା ଅଶ୍ମ ରତ୍ନ ବୈଭବ
ତବ ଉପହାରେ ତୃପ୍ତି ଶାନ୍ତି ମୋତେ ଦିଏ ନାହିଁ ଲବ ।
ରାଜଚକ୍ରବର୍ତ୍ତୀ ସମ ସ୍ନେହେ ତବ ଦେଖାଇଅଛି ଧନୀ
ତା ସଙ୍ଗଙ୍କ କି ସରି ହେବ ଜଗତର ସର୍ବ ମୁକ୍ତାମଣି ?
ଏଇ ଉପହାର ସଙ୍ଗେ ଯେଉଁ ସ୍ନେହ ଦେଇଥିଲ ବାଢ଼ି
ମୁକ୍ତା ନୁହେଁ, ରତ୍ନ ନୁହେଁ, ନେଇଛି ତା ଅନ୍ତରେ ସଜାଡ଼ି ।

ଚିନ୍ ଜାତି ହାତେ
ଦେବି ମୁହିଁ ଅଶ୍ରୁଜଳ ସାଥେ ।

ଭାରତ ଦେଇଛି ଧର୍ମ ଚିନ୍ ତାହା କରିଛି ଗ୍ରହଣ
ଯୁଗେ ଯୁଗେ ବିରାଜିବ ବେନି ଜାତି ସେନେହ ବନ୍ଧନ ।
ଚିନ୍ ଜାତି ନଇବେଦ୍ୟ ମୋ ଅନ୍ତରୁ ଢାଳି ଦେବା ଲଗି
ଅଛିଥିଲ ହୁଏନ୍‌ସାଂ ଭାରତର ଚିର ଅନୁରାଗୀ ।

ଲୋଡ଼ାନାହିଁ ଭବ ରାଜ ପ୍ରାସାଦର ଶ୍ରେଷ୍ଠ ଉପହାର
ଦରିଦ୍ର କୁଟୀର ତଳ, ପାଇଛି ମୁଁ ସର୍ବ ପୁରସ୍କାର ।
ଲୋଡ଼ା ନାହିଁ କିଛି
ପ୍ରାଣ ଦେଇ ପ୍ରାଣ ମୁଁ ପାଇଛି ।
ଗୃହେଁ ଦ୍ରୁମ ସ୍ନିଗ୍ଧ ଛାୟା, ମୁକ୍ତବାୟୁ, ନିର୍ଝର ସଲିଳ
ତୃଣର କୋମଳ ଶଯ୍ୟା ଖଣ୍ଡମେଘ କାଦର କୁଟୀର
ଅନନ୍ତ ପ୍ରକୃତି ପ୍ରାଣେ ଢାଳିଦେଇ ପ୍ରେମକୋଳ ପ୍ରାଣ
ବର୍ଷେ ଏଠି କୋଟି ସ୍ନେହ ସୁଧା ଧାର ଲଭିବ ନର୍ବାଣ ।

ଉପହାର ନେବ ମୁହିଁ ବୃଥା କିମ୍ପା କରୁଛ ଶୋଚନା ?
ଦିଅ ଏକ ବୌଦ୍ଧ ମୂର୍ତ୍ତି କରିବ ମୁଁ ନିତ୍ୟ ଅର୍ଚ୍ଚନା ।
ଦିଅ କିଛି ବୌଦ୍ଧ ଗ୍ରନ୍ଥ ସ୍ୱଦେଶେ ମୁଁ କରିବ ପ୍ରଚାର
ନିର୍ଜନ ବିହାରେ ବସି ଗଢିବ ମୋ ଚିନ୍ତାର ସଂସାର ।
ସେହି ଉପହାର
ହୁଏନ୍‌ସାର ଶ୍ରେଷ୍ଠ ପୁରସ୍କାର ।

ରକ୍ତଦିଅ

ରକ୍ତ ଦିଅ, ରକ୍ତ ଦିଅ, ସମ୍ରାଟ ହେ ଆସିଛି ମାଗି
ଉଗ୍ରଗୁପ୍ତ ସନ୍ନ୍ୟାସୀ ମୁଁ ଅନାଥ ଏଇ ଶିଶୁର ଲାଗି ।
ଚାହେଁନା ଧନ ଧରଣୀ ଧୂଳି
ଚାହେଁନା କଣ୍ଠ ଗଉରବ ହେ
ଶୁଷ୍କ ହୋଇ ଦି' ଦିନ ପରେ
ଉଡ଼ିଯାଏ ଯା ସଉରଭ ହେ ।
ତୁମରି ଘୋର ଅସ୍ତ୍ର ବାଜି
ଏଇ ଯେ ଶିଶୁ ପଡ଼ିଛି ଭାଜି
କିଂଶୁକର ନବୀନ କଳି
ପ୍ରଭାତ ନବ ଅଂଶୁ ଭଳି
ଶିଶିର ଜଟଳି ମଣ୍ଡିତ
ଦୀପ୍ତି ଯା'ର ଉଠଇ ଜଳି ।
ରକ୍ତ ଦିଅ, ରକ୍ତ ଦିଅ ଜୀବନ ତା'ର ରକ୍ଷା କର
ଯା' ବୁକୁ ଲହୁ ରକ୍ତ କରି ସିକ୍ତ କଲା ଧରଣୀ ତଳ ।

ରକ୍ତ ଦିଅ, ରକ୍ତ ଦିଅ
ଧଉଳି ଗିରି କାନ୍ଦି କହେ
ଦଧୀଚି ପ୍ରାଣ ଦସ୍ୟୁର କଟିଲେ
କି ହେଲା ବୋଲି ଅଟକି ରହେ ।
ଧଉଳି ଗିରି ଶୃଙ୍ଗେ ଛିଡ଼ା
ଗର୍ବେ କହେ ଚଣ୍ଡାଶୋକ
ଏଇ ଯାଚନା ସନ୍ନ୍ୟାସୀ ହେ
ଏଇ ଯାଚନା କରେ କି ଲୋକ ?
ମଣିଷ ଲହୁ ସାଗରେ ଅଙ୍କା
ଅଣିଛୁ ନିଜ ନଉକା ବାହି-
ଭାରତ ରାଜ ସମ୍ରାଟ ମୁଁ
ଏ ଛାର ଦେଇ ପାରିବ ନାହିଁ ?
ରକ୍ତ ଦେବା ଶକ୍ତ କଥା
ହାଣିଚି ଯେହ୍ନୁ ଲକ୍ଷ ମଥା ?
ସନ୍ନ୍ୟାସୀ ହେ ବାଉଳା ତୁମେ କଳ୍ପିଲ ଏ ଦରିଦ୍ରତା ।
ବନ୍ୟା ସମ ରକ୍ତ ଦେବି
ନଉକା ସମ ଭାସିବ ଶିଶୁ
ରକ୍ତ ଦିଅ, ରକ୍ତ ଦିଅ
ମିନତି ଉଠେ ସକଳ ଦିଶୁଁ ।

ରକ୍ତ ଦଅ, ରକ୍ତ ଦଅ,

ଅନାଥ ଛାତ୍ର ଯାଏ ଯେ ଗୃହକୁ

ପାରୁଚ ନାହିଁ ଜୀବନ ରକ୍ଷି

ଖିଅନ୍ତି ଏଇ ଟେବ ଖାଲି ।

କହିଲେ ରାଜା, "ସେନାପତି ହେ

ବକ୍ଷୁଁ କାଟି ରକ୍ତ ଦଅ

ଶତେକ ଦେହ ରକ୍ତେ ଏକ

ରାଜାର ଯଶ ବନ୍ଦନୀୟ ।"

ଖଡ଼ଗ ଧାରେ କ୍ଷରିଲା ଯେତୁ

ଅମୃତ ଅରି ଜୀବନ ପାତ

ଶୀତଳ ତିକ୍ତ ରକ୍ତ ଲାଗି

ଶିଥିଳ ହେଲା ଶିରାର ଧାତ ।

ବଦନ ଯୋଡ଼ି କହିଲେ ବୀର

ଅଟଳ ହମ ସୁଗମ୍ଭୀର ।

ମନ୍ତ୍ରୀ ତାଙ୍କୁ କହିଲେ ରାଜା

"ବକ୍ଷୁଁ କାଟି ରକ୍ତ ଦଅ

ଲକ୍ଷ ଦେହ ରକ୍ତେ ଏକ

ରାଜାର ଯଶ ବନ୍ଦନୀୟ ।"

ଯାହାର କୁହେବୁଢ଼ି ତଳେ
ପଞ୍ଚଲେ ଝଡ଼ ଲକ୍ଷେ ଥର
ଅଣ୍ଡି ଲାଗି ରକ୍ତ ଧାଟେନ
ମର୍ମ ଭୟେ ଉଠେନା ଥର ।
ଦେଧନ ଯୋତ ରହିଲେ ବୀର
ଅଚଳ ସମ ସୁଗମ୍ଭୀର ।
କହିଲେ ରାଜା, "ସୈନ୍ୟଗଣେ
କୈଳବାନା ଉଡାଇ ମମ
ଧର୍ମବାଦେଗ ତୁମଙ୍କ ପଇଁ
ଗଉରବ ମୋ ରଖିବା ଲାଗି
ଶକ୍ତି କି ତୁମ ମଧ୍ୟେ ନାହିଁ ?
ବୁଝାଇଲ ଯେ ବଇରୀ ଲକ୍ଷ
ଯତେ କି ଏତେ ମୂଲ୍ୟହୀନ ?
ଋଦ୍ଧିମୟ ଧମନୀ ତଳ
ବନ୍ଧୁ ଲାଗି ହେଉଛ ହୀନ ?
ଅର୍ଦ୍ଧେକ ମୋ ରାଜ୍ୟ ଦେବି
ରକ୍ତ ଦିଅ, ରକ୍ତ ଦିଅ
କୋଟିଏ ବୀର ରକ୍ତେ ଏକ
ସମ୍ରାଟ ଯେ ବନ୍ଦନୀୟ ।"

ବଦନ ପୋଛି ରହିଲେ ବୀର
ଅଚଳ ସମ ସୁଗମ୍ଭୀର;
ଲଜ୍ଜା ଭିତରେ ପଡ଼ିଲା ନଇଁ
ଝଲକି ନୀର ଉଠିଲା ପୀର ।

ଚମକି ବୀର ଫେରାଇଲେ ଗ୍ରୀବା
ଅନ୍ତରୁ କେ କହିଲା ବାଣୀ
ଚଣ୍ଡାଶୋକ କି ଯଶ କହ
ଲଭିଲୁ ଏତେ ମୁଣ୍ଡ ହାଣି ?
ରକ୍ତ ଧାରେ ଧରଣୀ ଧୋଇ
ତୋଳିଲୁ ଯେଉଁ କୀର୍ତ୍ତିରାଜି
ବିନ୍ଦୁ ଏକ ରକ୍ତ ଲାଗି
ନଶ୍ୱର ସେ ପଡ଼ିବ ଭାଜି ।
କାହାରେ ତୁହି ନିଜର ଭାବୁ ?
ନିଜେ ଯେ ତୁହି ନିଜର ନୋହୁଁ
ଚଣ୍ଡାଶୋକ କି ଲାଭ ଅଛି
ରକ୍ତେ କହ ଧରଣୀ ଧୋଇ ?

ସିନ୍ଧୁ-ସମ ରକ୍ତ ଶୋଷି
କୁଣ୍ଠା ତୋର ବିନ୍ଦୁ ଦାନେ ?
ରକ୍ତ ଯେହ୍ନୁ ଢାଳଇ କେବେ
ବହନ୍ତି କି ତା ଦୁଃଖ ପ୍ରାଣେ ?
କାନ୍ଦନାହିଁ ଜୀବନେ ଦିନେ
ଅପରେ ଲୁହ ଝରଇ ଜାଣେ
ରକ୍ତ ଲୁଅ ଲୁହାଏ ସେହୁ
ଲୁଚେନା ଯେହ୍ନୁ ରକ୍ତ ମାଟିନେ ।
ଦୀର୍ଘଶ୍ୱାସେ ମରମ ଫାଟେ
ଯେ ଲୁହେ ସିନା ତାହାରେ କାଟେ
ଯନ୍ତ୍ରଣା ଯେ ସହିନ ଦିନେ
କରୁଣାହୀନ କର୍ମେ ମାତେ ।

ସହସା ଗଲ ଚଣ୍ଡାଶୋକ
ମରମ ତଳ ପରଦା ଖୋଲି
ଅବଳ ଶିଶୁ ବିଷାଦ ହ୍ରଦେ
ଲୋତକ ଢେଉ ଖେଳଇ ଦୋଳି ।

ଅନ୍ଧକାରେ କାନ୍ଦେ ଧରା
ବେଦନା କେତେ କେତେ କି ଦଶକ
ଲୁଣ୍ଠି ଆନନ୍ଦ, ତୁଚ୍ଛି ଆତଙ୍କ
ରକ୍ଷା କର ଚଣ୍ଡାଶୋକ ।

ଖଡ୍ଗ ରଖି ବୁଦ୍ଧ ପଦରୁ
ଜିଜ୍ଞାସିଲେ ରାଜା ଗର୍ବ ଅନ୍ତରେ
ରକ୍ଷ ଆଜି କାରବ ଶିଶୁ

ସନ୍ନ୍ୟାସୀ ହେଲା ରକ୍ତ ନିଅ ମୁଣ୍ଡ କାଟିରେ ଖଣ୍ଡାର ମିଶୁ ।
ମାରୁ ନ ମାରୁ ବଟେ ଶୁଣି ଉପଗୁପ୍ତ ଧଇଲେ ହାତ
"ଗୁହେଁନା ଆଉ ରକ୍ତ ମୁହଁ ନୋଇଛୁ ଶିଶୁ ଜୀବନ ଦାତା ।"
ପାରିଲ ନାହିଁ ରକ୍ଷା କରି ଚଣ୍ଡାଶୋକ ଜୀବନ ଏକ
ଏଇ କ୍ଷମତା ଶକ୍ତି ଲାଗି ଗର୍ବିତ ହେ ଦେଖାଅ ଠେକ ?
ଭାବିଛ ତୁମେ ଯୁଦ୍ଧ ଜୁମେ ପାରିଛ ଜିଣି ଜଗତ ଜନ ?
ସୈନ୍ୟ ଦଳେ ଦୁର୍ବଳ ହେ ପାରନ ଜିଣି ଗୋଟିଏ ମନ ?

ଭାରତଜନ୍ମୀ ଗୋଟିଏ ମନ ମାରନା ଜାଣି ପାରନା ସତେ ?
ଗୋଟିଏ ପ୍ରାଣ ପାରନା ରଖି ମାତଲ୍ଲ ତୁମେ ସ୍ୱତ୍ୟାଦ୍ରତେ ?
ଚଣ୍ଡାଶୋକ ଲଙ୍କାଭରେ
ଧଇଲେ ଶୋଇ ଧରଣୀ ତଳେ
ସନ୍ନ୍ୟାସୀର ପଦ୍ମ ପାଦ
ଧୋଇଲେ ଶୋକ ଅଶ୍ରୁଜଳେ ।
କହିଲେ ବୀର ଶିଶୁର ଲାଗି ରକ୍ତ ଦେଇ ପାଇଲି ନାହିଁ
ରାଜ୍ୟ ହେତେ ଧମନୀ ତଳେ ଦେବ ମୁଁ ଏବେ ଶାନ୍ତିପାଇଁ ।

୧୦-୧୦-୪୯—ବାଲେଶ୍ୱର

ଶ୍ରମିକର ଭଗବାନ

ଅତି ସାଧାରଣ ଜାଣେ ନାହିଁ କିଛି ତଥ୍ୟ
ଡାକଇ ବିପଦେ
ସମ୍ପଦେ ଯାଏ ଭୁଲି;
ବିପଦବନ୍ଧୁ, ସମ୍ପଦେ ତୁମେ
ପାନେଶ୍ ଆସ ନାହିଁ ବୋଲି ।
ଦୁଃଖଦୈନ୍ୟ ଟାଳି ଦେବା ଲାଗି
ମନ୍ଦିରେ ନାହିଁ ଯାଏ
କଣ୍ଠ ମୋ ସ୍ୱର କର୍କଶ
ତେଣୁ ସଙ୍ଗୀତ ନାହିଁ ଗାଏ ।
ସୃଜିତ ସୂର୍ଯ୍ୟ ଚନ୍ଦ୍ର ତାରକା
ଦେଖାଏନା ତେଣୁ ବାଟ
ପାଦେ ପଡ଼ି କେବେ ଜଣାଏ ନାହିଁ ମୁଁ
ଦେଉ ଲାଭ, ନୋହୁ କ୍ଷତି ।
ତୁମେ ଅଛ ଖାଲି ଜାଣେ ଏଇ ଠିକ ସତ୍ୟ
ଅତି ସାଧାରଣ ଜାଣେ ନାହିଁ କିଛି ତଥ୍ୟ ।

କାଠ କାଟି ମାଟି ବୋହି ଝାଟି ଭୂଜା

ହାଡ ଡାକେ କଟି କଟି

ଶିଳ ଝାଞ୍ଜି ବାଞ୍ଜି ବର୍ଷା ଅଘାତେ

ଫାଟିଯାଏ ମୋର ପିଠି ।

ଧର୍ମ ଦେବତା ଡାକିଲେ ଫେରଇ

ବେଉପାରି ସାର ଘରେ

କ୍ଷୁଧା-ହୁତାଶ ହୋଇ ଉଦର ମୋହର ଜଳେ ।

କାମ ବେଳେ ମୁହିଁ ନିଜକୁ ତ ଭୁଲିଯାଏ

ତୁମ କଥା କେବେ ଭାବିବାକୁ ମୋର

ଅବସର ନାହିଁ ଥାଏ ।

ନିଗାଡି ରକ୍ତ ଢାଳିଦିଏ ନିତ

ଦେହ ମୋର ଛେଚି କୁଟି

ପିଲାଛୁଆଙ୍କ ଲାଗି ଅନ୍ନ ଦାଉଳା

ଯୋଗାଡ଼ଇ ଦୁଇ ମୁଠି ।

ଖାଲି ବସୁଧାରେ ବାଧାରେ ମୁଁ ପଡ଼ିଯାଏ

କର୍ମର ଡାକ

ଧର୍ମର ଡାକ ବୋଲି

ହାଡ ଚୂନା କରି ଧନସାରି ଲାଗିଥାଏ,

ଓଠରେ ନାହିଁ ମାଳା ଜପେନାହିଁ ତୁମ ନାମ
ଜାଣେ ହେ ବିଶ୍ୱକର୍ମା ଅଲକ୍ଷେ ଦୃଶୁଥିବ ଭଗବାନ ।
ଶ୍ରମିକର ସାଥୀ ଜାଣେ ଏକଟିକା ସତ୍ୟ
ବୁଝେନା ଶାସ୍ତ୍ର ବୁଝେ ନାହିଁ କିଛି ତଥ୍ୟ ।
ସବୁବେଳେ କିଏ ଡାକିଲେ ତୁମକୁ
କ୍ରୋଧ ହେଉଥିବ ମନେ
ମୋହ ଖୋସାମତ ଶୁଣିବାକୁ ଖାଲି
ଜାଗିବ କି ପ୍ରତିକ୍ଷଣେ ?
ପଡ଼ିଛନ୍ତି ଲକ୍ଷ ହାହାକାରେ ପଥ ପାଶେ
ଗଡ଼ୁଛନ୍ତି ଭକ୍ତ ଧୂଳିତଳେ ଉପବାସେ ।
କାହାର ହୃଦୟେ ଦୟାଳୁଟେ ହେବ ବଳେ
ସେବକର ରୂପ ଧରି ଯିବ ଅବା ନଭେ !
ଡାକଇ ବିକଳେ ଅଶ୍ରୁ ଝରଇ
ଅତ୍ୟାଚରିତ ପ୍ରଜା
ସବୁର ଦୁଃଖ ଗୁହାରି ଶୁଣିବ
ଦୁନିଆର କଣେ ରଜା ।

ତୋ କଥା ଭାବିବା ଲାଗି ଦେବନାହିଁ ଶ୍ରମ

କର୍ମ ଜୀବନ କର୍ମ ଧରମ

କର୍ମ ମୋ ନମୋନମଃ ।

ଅଜ୍ଞାନ ମୁହିଁ ଜାଣେ ନାହିଁ କିଛି ତଥ୍ୟ

ତୁମେ ଶ୍ରମିକର ଜାଣେ ଏହି ଠିକ ସତ୍ୟ ।

୧୨।୮।୪୦—ଶାନ୍ତିନିକେତନ ।

—ସମାପ୍ତ—

ସୂଚନା

ଲଙ୍କା ବିଜୟୀ—

ବିଜୟ ସିଂହ ସିଂହପୁର ରାଜା ସିଂହବାହୁଙ୍କ ପୁତ୍ର । ପିତାଙ୍କ ସଙ୍ଗେ ମନୋମାଳିନ୍ୟ ହେବାରୁ ସେ ନିଜ ଭାଗ୍ୟ ଅନୁସରଣରେ ସମୁଦ୍ର ଯାତ୍ରା କରିଥିଲେ । ବହୁ ଦୁଃଖ ବିପଦର ସମ୍ମୁଖୀନ ହେବା ପରେ ସେ ସିଂହଳ ଉପକୂଳରେ ଅବତୀର୍ଣ୍ଣ ହୋଇଲେ । ଯକ୍ଷମାନଙ୍କୁ ଘୋର ଯୁଦ୍ଧରେ ନିପାତ କରି ଖ୍ରୀଷ୍ଟପୂର୍ବ ୫୦୪ରେ ବିଜୟ ସିଂହଳର ରାଜା ହେଲେ । ଓଡ଼ିଆ ପୁଅ ବିଜୟ ସିଂହ ଓ ତାଙ୍କର ବଂଶଧରମାନେ ପ୍ରାୟ ୨ ହଜାର ବର୍ଷ ଲଙ୍କା ଦ୍ୱୀପ ଶାସନ କରିଥିଲେ । ଏହା ଓଡ଼ିଶା ପକ୍ଷରେ କମ୍ ଗୌରବର କଥା ନୁହେଁ । ବିଶେଷ ବିବରଣୀ ପାଇଁ ମୋର 'ଲଙ୍କାଯାତ୍ରୀ' ଦ୍ରଷ୍ଟବ୍ୟ ।

ମାନସ ତୀର୍ଥ—

ଭୁବନେଶ୍ୱର ମନ୍ଦିର ପ୍ରତିଷ୍ଠା ଲାଗି ଯଯାତିକେଶରୀ ଭାରତର ସମସ୍ତ ତୀର୍ଥରୁ ପବିତ୍ର ଜଳ ଅଣାଇଲେ । କିନ୍ତୁ ମାନସ-ସରୋବରର ଜଳ ଆଣିଯିବାକୁ କାହାରି ସାହସ କୁଳେଇଲା ନାହିଁ । ପ୍ରତିଷ୍ଠା ଉତ୍ସବ ମାତ୍ର ସାତ ଦିନ ବାକି । ଏ ମଧ୍ୟରେ ଜଳ ନ ଆଣିଲେ ମନ୍ଦିର ପ୍ରତିଷ୍ଠା ହୋଇ ପାରିବ ନାହିଁ ବୋଲି ପୁରୋହିତ ଧରି ବସିଛନ୍ତି । କିନ୍ତୁ ଯିବ କିଏ ? ଯଯାତି ନିଜ ରାଜ୍ୟରୁ ଅର୍ଦ୍ଧେ ଯାଚିଲେ । ତଥାପି କେହି ବାହାରିଲେ ନାହିଁ । କୁମାର ନାମକ ଗୋଟିଏ କିଶୋର ସେ ଦିନ ରାଜ ସଭାର ଗୌରବ ରକ୍ଷା କଲା । ସେ କହିଲା, "ମୁଁ ମାନସରୋବରରୁ ଜଳ ଆଣି ଯିବା ଲାଗି ପ୍ରସ୍ତୁତ । କିନ୍ତୁ ରାଜ୍ୟ ଲୋଭରେ ନୁହେଁ, ଦେଶ ପ୍ରତି ମୋର କର୍ତ୍ତବ୍ୟ ବିବେଚନାରେ ଯିବି । କୁମାର

ଦ୍ରୁତଗାମୀ ଅଶ୍ୱ ପୃଷ୍ଠରେ ୪ ଦିନ କାଳ ଅଶ୍ରାନ୍ତ ଗତିକରି ପ୍ରୟାଗ କ୍ଷେତ୍ରରେ ପହଞ୍ଚି ଜାଣିଲା ଯେ ଆଉ ବାକୀ ୩ ଦିନ ମଧ୍ୟରେ ମାନସସରୋବରରୁ ଜଳ ନେଇ ଫେରିବା ତା ପକ୍ଷରେ ଅସମ୍ଭବ । ସେ ଭାବିଲା, "ସାହିତ୍ୟ ସଙ୍ଗୀତ କଳା ଧର୍ମ ପ୍ରଭୃତି ଯାହା କିଛି ଦୁନିଆରେ ଶ୍ରେଷ୍ଠ, ସବୁ ମନରୁ ଉଦ୍ଭୂତ । ମନ ହିଁ ସବୁ ତୀର୍ଥ କ୍ଷେତ୍ର ସୃଷ୍ଟି କରିଛି । ତେଣୁ ସେ ତୀର୍ଥ କ୍ଷେତ୍ରର ତୀର୍ଥକ୍ଷେତ୍ର—ଏହା ଭାବି ସେ ମସ୍ତକରେ ଛୁରିକା ଆଘାତ କଲା ଏବଂ ସେହି ରକ୍ତ ଦୁଇଜଣ ସୈନିକ ସଙ୍ଗୀଙ୍କ ହସ୍ତରେ ଯଯାତିଙ୍କ ନିକଟକୁ ପଠାଇ କହିଲା, "ଏହି ଲାଲ୍ ଜଳ ମାନସସରୋବର ଜଳଠାରୁ ପବିତ୍ର, ସର୍ବତୋଭାବେ ମହା ମନ୍ଦିର ପ୍ରତିଷ୍ଠା ଲାଗି ଉପଯୁକ୍ତ ।" ତାପରେ ବୀର-ହୃଦୟ କୁମାର ପ୍ରୟାଗ କ୍ଷେତ୍ରରେ ଢଳି ପଡ଼ିଲା ।

ସେନାପତି ବିଷ୍ଣୁ ଶର୍ମା—

ଅନଙ୍ଗ ଭୀମଦେବ ୨ୟଙ୍କ ମନ୍ତ୍ରୀ ବିଷ୍ଣୁ ଶର୍ମା ଗୌଡାଧିପ ପ୍ରସିଦ୍ଧ ତୁଗ୍ରିଲ୍—ଇ—ତୁଘାନ୍ ଖାନ୍‌ଙ୍କ ସହିତ ଯୁଦ୍ଧରେ ସେନାପତିତ୍ୱ କରିଥିଲେ । ମୁସଲ୍‌ମାନ ସେନା ସଂପୂର୍ଣ୍ଣରୂପେ ପରାଜିତ ଓ ବିଧ୍ୱସ୍ତ ହେଲେ । ଏ ଯୁଦ୍ଧରେ ମୁସଲମାନ ସେନାପତି ଫକ୍ରୁଲ୍ ମୁଲ୍କ ନିହତ ହୋଇଥିଲେ । ଏ ସେନାପତିଙ୍କ ବୀରତ୍ୱ ବର୍ଣ୍ଣନା କଟକ ଜିଲ୍ଲା ପଦ୍ମପୁର ପରଗଣାର ଗୁଟେଶ୍ୱର ମନ୍ଦିର ଶିଳାଲିପିରେ ଅଛି । ଗୌଡାଧିପଙ୍କ ସଙ୍ଗୀ ଓ ସମସାମୟିକ ଐତିହାସିକ ଏ ବିଷୟ ଉଲ୍ଲେଖ କରିଛନ୍ତି ।

ଶିଳାଲିପିରେ ବିଷ୍ଣୁଙ୍କ ବୀରତ୍ୱର ନିମ୍ନଲିଖିତ ପ୍ରକାରେ ଉଲ୍ଲେଖ ଅଛି । "ପବିତ୍ର ଯୁଦ୍ଧରେ ଅସ୍ତ୍ରଗୁଳିକାଦ୍ୱାରା ଅସଂଖ୍ୟ

ଚୈନ୍ୟ ନଗର ବିଧ୍ୱଂସକାରୀ ସେନାପତି ଚନ୍ଦ୍ରଙ୍କ ବିଷୟ ଆଉ କଣ କହିବି ? ତାହାଙ୍କ ବୀରପଣ ସନ୍ଦର୍ଶନାର୍ଥେ ସ୍ୱୟଂ ଦେବଗଣ ଅନିଦ୍ରାବସ୍ଥାରେ ନିର୍ନିମେଷଲୋଚନରେ ଶୂନ୍ୟ ମାର୍ଗରେ ଅବସ୍ଥାନ ପୂର୍ବକ ମହା ଉତ୍ସବ କରୁଥିଲେ । ବିନ୍ଧ୍ୟାଚଳର ଅନ୍ତର୍ବର୍ତ୍ତୀ ଭୀମାନଦୀ ତୀରସ୍ଥ ଉପବନରୁ ସମୁଦ୍ର ଉପକୂଳପର୍ଯ୍ୟନ୍ତ ଯବନପତିର ଯାବତୀୟ ସାମ୍ରାଜ୍ୟ ଭୟଚକିତ ଚିତ୍ତରେ ସର୍ବଦା ଏଭଳି ଅନୁଭବ କରୁଥିଲେ ଯେ ସନ୍ନ୍ୟାସୀମାନେ ହିନ୍ଦୁ ପରାକ୍ରମ କାଳି ବ ଜଗତକୁ ଏପରି ବିସ୍ମୟମୁଗ୍ଧ ଦେଖି ନାହାନ୍ତି ।”

ନରେନ୍ଦ୍ରନାଥ ବନ୍ଦ୍ୟୋ ୧୩୧୬ ସା. ପ: ପତ୍ରିକା

ବାପୁଜିଙ୍କ ଅନୁରୋଧ—

ବିଶ୍ୱକବି ରବୀନ୍ଦ୍ରନାଥଙ୍କ କାବ୍ୟସାଧନା ଅସାଧାରଣ। ସେ ରାତ୍ରରେ ମାତ୍ର ୨।୩ ଘଣ୍ଟା ବିଶ୍ରାମ କରୁଥିଲେ । ଏଥିରେ ତାଙ୍କର ସ୍ୱାସ୍ଥ୍ୟହାନି ଘଟିବାରୁ ମହାତ୍ମା ଗାନ୍ଧି ଶାନ୍ତି ନିକେତନର ଆମ୍ର କୁଞ୍ଜରେ ତାଙ୍କ ସହିତ ଆଳାପ କଲାବେଳେ ଜଗତର ସ୍ୱାର୍ଥ ଲାଗି ଦ୍ୱିପ୍ରହରରେ ଅଧ ଘଣ୍ଟାଏ ବିଶ୍ରାମ ଲାଗି ତାଙ୍କୁ ଅନୁରୋଧ କରିଥିଲେ । ପ୍ରତିଭା ଛଡ଼ା ଅଧ୍ୟବସାୟହିଁ ତାଙ୍କ ଜୀବନର ମୂଳ ମନ୍ତ୍ର ଥିଲା ।

କବିତା ଓ କଙ୍କାଳ—

କବିତା ରଚନା ଓ ଭଣ୍ଡାରୀର କୋଳାହଳ [illegible] ଏହି କବିତାର ବିଷୟବସ୍ତୁ କଳ୍ପିତ ହୋଇଥିଲା ।

ମୀର୍ ମାକ୍‌ବୁଲ୍ ସେର୍‌ଓ୍ୱାନୀ—

ପାକିସ୍ଥାନୀ ସୈନ୍ୟମାନେ କାଶ୍ମୀରର ଅଧିକାଂଶ ସ୍ଥାନ ଅଧିକାର କରିଥାନ୍ତି । କେବଳ ରାଜଧାନୀ ଶ୍ରୀନଗର ବାକି ଥାଏ । ଏହି ସମୟରେ ମୀର୍ ମାକ୍‌ବୁଲ୍ ସେର୍‌ଓ୍ୱାନୀ ନାମକ ଜଣେ ଦେଶ ଭକ୍ତ କାଶ୍ମୀର ରାଜ୍ୟ ରକ୍ଷା କରିବା ଉଦ୍ଦେଶ୍ୟରେ ଏକ ଉପାୟ ପାଞ୍ଚିଲା । ସେ ପାକିସ୍ଥାନୀ ବେଶ ଧରି ଆକ୍ରମଣକାରୀଙ୍କ ମନରେ ବିଶ୍ୱାସ ଜନ୍ମାଇ ଦେଲା ଯେ କାଶ୍ମୀରବାସୀ ମୁସଲ୍‌ମାନ-ମାନେ ପାକିସ୍ଥାନ ସପକ୍ଷରେ । ତରବର ହେବା ଦରକାର ନାହିଁ । ଯେ କୌଣସି ମୁହୂର୍ତ୍ତରେ ଶ୍ରୀନଗର ହାତକୁ ଆସିଯିବ । ତେଣୁ ରାଜ୍ୟ ଲୁଟ୍ କରି ଧନ ରତ୍ନ ସଂଗ୍ରହ କରାଯାଉ । ଏ ପ୍ରସ୍ତାବ ପାକିସ୍ଥାନୀମାନଙ୍କ ମନକୁ ପାଇଗଲା । ଲୁଟ ତରାଜରେ ମାତିବାରୁ ସେମାନଙ୍କ ସେନାବାହିନୀରେ ବିଶୃଙ୍ଖଳା ଆସିଗଲା । ଏ ମଧ୍ୟରେ ଭାରତ ଓ କାଶ୍ମୀରର ସନ୍ଧି ହେଲା । ଗୁର୍ଖା ସୈନ୍ୟମାନେ ଶ୍ରୀନଗର ଅଧିକାର କରି କ୍ରମେ ପାକିସ୍ଥାନୀ ସୈନ୍ୟମାନଙ୍କୁ ରାଜ୍ୟର ଅଧିକାଂଶ ଅଞ୍ଚଳରୁ ତଡ଼ିଦେଲେ । ଦେଶପ୍ରେମୀ ମୀରମାକ୍‌ବୁଲ୍‌ର କୂଟନୀତି ସମ୍ପୂର୍ଣ୍ଣ ସଫଳ ହେଲା ।

ପାକିସ୍ଥାନୀମାନେ କ୍ରୋଧାନ୍ୱିତ ହୋଇ ମୀର ଉପରେ ଅମାନୁଷିକ ଅତ୍ୟାଚାର ଚଳାଇଲେ । ଶେଷକୁ କ୍ରୁଶରେ ଚଢାଇ ତା ଦେହଯାକ ଲୁହାକଣ୍ଟା ବାଡେଇ ଦେଲେ । ତାକୁ 'ପାକିସ୍ଥାନର ଜୟ' ଉଚ୍ଚାରଣ କରିବାକୁ କହିଲେ । ସେ କହିଲା, "ଜୟ କାଶ୍ମୀରର ଜୟ, ଜୟ ଭାରତ ମାତାର ଜୟ, ଜୟ ସତ୍ୟର ଜୟ" ।" ଏହା କହୁଁ କହୁଁ ତାର ପ୍ରାଣବାୟୁ ଉଡ଼ିଗଲା । ଘଟଣା ସତ୍ୟ ମୂଳକ । କାଶ୍ମୀର ପ୍ରଫେସର୍ ମି. ମୁନ୍‌ସୁଙ୍କ (ଯେ ପ୍ରତ୍ୟକ୍ଷ ଯୁଦ୍ଧରେ ଯୋଗ ଦେଇଥିଲେ) ଠାରୁ ସଂଗୃହୀତ ।

ଶିବାଜୀଙ୍କ ଗର୍ବ—

ଗୋଟିଏ ଦୁର୍ଗ ନିର୍ମାଣରେ ଲକ୍ଷାଧିକ ଶ୍ରମିକ କାମ କରୁଥିବାର ଦେଖି, ଛତ୍ରପତି ଶିବାଜୀଙ୍କ ମନରେ ଭାରି ଗର୍ବ ହେଲା । ସେ ଭାବିନେଲେ ଯେ ତାଙ୍କ ସକାଶେ ଏତେ ଲୋକ ବଞ୍ଚିଛନ୍ତି— ସେ କାମ ନ କରାଇଲେ ଖାଇବା ବିନା ସେମାନେ ମରିଯିବେ । ଏହି ସମୟରେ ତାଙ୍କର ଗୁରୁ ରାମଦାସ ସେଠାରେ ପହଞ୍ଚିଗଲେ । ଶିବାଜୀଙ୍କ ଗର୍ବ କଥା ଶୁଣି ସେ କହିଲେ, "ଶିବାଜୀ, ଏପଥରଟି ଟେକ ତ ଦେଖି" । ଶିବାଜୀ ଟେକି ଦେଲା କ୍ଷଣି ତା ତଳେ ଥିବା ବହୁତ ପୋକଯୋକ ବେଙ୍ଗ ଜିଆ ଗୁଳୁଗଲେ । ରାମଦାସ ପଚାରିଲେ, "ଏତେ ଜୀବଜନ୍ତୁଙ୍କୁ କେଉଁ ରାଜା ପାଳୁଛି ? କେଉଁ ପୋକ ଅନାହାରରେ ମରିବା ଶୁଣିଛ କି ?" ଶିବାଜୀଙ୍କ ଗର୍ବ ଚୂର୍ଣ୍ଣ ହୋଇଗଲା ।

ମହାତ୍ମା ତିଳକ—

ବାଳ ଗଙ୍ଗାଧର ତିଳକ ଭାରତର ବିଶିଷ୍ଟ ନେତା ସୁବିଦ୍ୱାନ୍ । ତାଙ୍କର ଜ୍ଞାନପିପାସା ଅଦମ୍ୟ । ଜୀବନର ସମସ୍ତ ଉପଭୋଗ ବିନିମୟରେ ସେ ପୁସ୍ତକ କ୍ରୟ କରୁଥିଲେ ।

ମନ୍ଦିର ନଗର—

ବିମାତା କୋପରେ ଦୁର୍ଦ୍ଦଶାଗ୍ରସ୍ତ ଯଯାତିକେଶରୀ ଦିନେ ଏକାମ୍ରକାନନରେ ବୁଲି ବୁଲି ଖାରବେଳଙ୍କର ଅମରକୀର୍ତ୍ତି ଦର୍ଶନ ଲାଗି ଖଣ୍ଡଗିରି ଶିଖରକୁ ଉଠିଲେ । ଜୈନ ପୁରୋହିତ ହିନ୍ଦୁ ଲାଗି ଏ ମନ୍ଦିର ଉନ୍ମୁକ୍ତ ନୁହେଁ ବୋଲି କହିଲେ । ଯଯାତି ଅପମାନିତ ହୋଇ ପ୍ରତିଜ୍ଞା କଲେ, "ମୁଁ ରାଜା ହେଲେ ଏହି ନଗରରେ

୧୧୯୯ ମନ୍ଦିର ନିର୍ମାଣ କରିବ ! କିଛୁଦିନ ପରେ ଯଯାତି, ଓଡ଼ିଶାର ରାଜା ହୋଇ ମନ୍ଦିର ନିର୍ମାଣ ଲାଗି ସମଗ୍ର ରାଜ୍ୟରେ ଢେଙ୍ଗୁରା ଦେଲେ ଏବଂ ପୃଥିବୀର ସର୍ବଶ୍ରେଷ୍ଠ ମନ୍ଦିର ନଗର ଭୁବନେଶ୍ୱର ନିର୍ମିତ ହେଲା ।

ବିପ୍ଳବୀ କବି ଦୀନକୃଷ୍ଣ—

ରସକଲ୍ଲୋଳକାର ଭକ୍ତକବି ଦୀନକୃଷ୍ଣଙ୍କୁ ଓଡ଼ିଶାର ତତ୍କାଳୀନ ରାଜା ତାଙ୍କର ପ୍ରଶସ୍ତି ଗାଇବାକୁ ଓ ତାଙ୍କ ନାମରେ କାବ୍ୟ ଭଣିତା କରିବା ଲାଗି ଆଦେଶ ଦେଇଥିଲେ । ଦୀନକୃଷ୍ଣ ନିଜର ବିନାମସ୍ୱରେ ରାଜ ଅନୁଗ୍ରହ କ୍ରୟ କରିବାକୁ ଇଚ୍ଛା କରି ନଥିଲେ । ଏଥିଲାଗି ତାଙ୍କୁ ଜେଲ ବରଣ କରିବାକୁ ହୋଇଥିଲା । ସେ ଲେଖିଛନ୍ତି, "କବି ଯେ କରେ ମୂର୍ଖକୁ ସ୍ତୁତି, ଏଥିରୁ ବଡ ନାହିଁ ବିପତ୍ତି, ଏଥିକି ପ୍ରତି ଗ୍ଣଚଲ୍ଲରେ କାତି ମାରିବା ଭଲ ଯେ ।" ଦୀନକୃଷ୍ଣଙ୍କ ସତ୍ୟନିଷ୍ଠା ଓ ନୈତିକ ସାହସ ଜଗତର ଏକ ଶ୍ରେଷ୍ଠ ଆଦର୍ଶ ।

ବୀରର ପରୀକ୍ଷା—

ଔରଙ୍ଗଜେବଙ୍କ ଗର୍ବ ଚୂର୍ଣ୍ଣ କରିବା ଲାଗି ଗୁରୁ-ଗୋବିନ୍ଦ ସିଂହ ଶିଖ୍ ବାହିନୀ ଗଠନ କଲେ । ୫ ଜଣ ଶ୍ରେଷ୍ଠ ବୀର ସେନାପତି ବାଛିବା ଉଦ୍ଦେଶ୍ୟରେ ସେ ପ୍ରକାଶ କଲେ ଯେ ଯୁଦ୍ଧାରମ୍ଭରେ ରଣଚଣ୍ଡୀ ୫ ଗୋଟି ଶିରବଳି ଚାହାନ୍ତି । ପ୍ରଥମେ ସେ ନିଜ ପୁତ୍ରକୁ ବଳି ଦେଇ ଅଛନ୍ତି ବୋଲି କହି ତାର ଛିନ୍ନ ଶିର ଦୂରରୁ ଦେଖାଇଲେ । (ଯଥାର୍ଥରେ ଏହା ଏକ ମୃତ୍ୟୁର ମସ୍ତକ—ଉଦ୍ଦେଶ୍ୟ ସିଦ୍ଧି ଲାଗି ସେ ତାକୁ କାଟି ଆଣିଥିଲେ) ସେ ଆଉ ବଳି ଦେବା ଲାଗି ଶିଖ୍‌ମାନଙ୍କୁ ଆହ୍ୱାନ କଲେ—ତାଙ୍କର

ଆଉ ୫ ଟୋଟି ମସ୍ତକ ଦରକାର । କିନ୍ତୁ କେହି ଶିଖ୍ ଉଠିଲେ ନାହିଁ । ଓଡ଼ିଶାର ବୀର ଦୁର୍ଜ୍ଜୟ ସିଂହ ଛିଡ଼ା ହୋଇ କହିଲେ ଯେ ସେ ଏଥିଲାଗି ପ୍ରାଣ ବଳି ଦେବାକୁ ପ୍ରସ୍ତୁତ । ଗୁରୁଗୋବିନ୍ଦ ଶାଣିତ ଖଡ୍ଗ ଉତ୍ତୋଳନ କଲେ । ଗୋଟିଏ ମୁହୂର୍ତ୍ତର କଥା । ହଠାତ୍ ତାଙ୍କ ମୁହଁରେ ହସ ଫୁଟି ଉଠିଲା । ହାତମୁଠା ହୁଗୁଳା ହୋଇ ଖଣ୍ଡା ଖସି ପଡ଼ିଲା । ସେ ଆନନ୍ଦରେ ଦୁର୍ଜ୍ଜୟ ସିଂହଙ୍କୁ କୁଣ୍ଢାଇ ପକାଇ କହିଲେ, "ତୁମେ ହେଲ ଶିଖ୍ ବାହିନୀର ମୁଖ୍ୟ ସେନାପତି ।" (Cunninghamଙ୍କ Sikhism ଦ୍ରଷ୍ଟବ୍ୟ ।

ବିଦ୍ରୋହୀ ମଙ୍ଗଳସିଂହ—

ମଙ୍ଗଳସିଂହ ପାଣ୍ଡେ ସିପାହି ବିଦ୍ରୋହର ପ୍ରଥମ ଶହୀଦ୍ । ସେ ବୁଲେଟ୍ ଆଘାତରେ ମେଜର ହ୍ୟୁସନଙ୍କୁ ହତ୍ୟା କଲେ, ଲେଫ୍ଟେନାଣ୍ଟ ବାଗ୍‌ଙ୍କୁ ମଧ୍ୟ ଖଡ୍‌ଗାଘାତରେ ବିନାଶ କଲେ । ଉଭୟଙ୍କ ରକ୍ତ ହାତରେ ବୋଲି ଲାଲ୍ ହାତ୍ ହଲାଇ ହଲାଇ ସେ ସିପାହିମାନଙ୍କୁ ବିପ୍ଳବ ଲାଗି ଉତ୍ତେଜିତ କରିବାକୁ ଲାଗିଲେ । ଇଂରେଜୀ ସେନାପତି ହେର୍‌ସେ ଗୋରାବାହିନୀ ନେଇ ତାଙ୍କୁ ଆରେଷ୍ଟ କରିବାକୁ ଆସିବା ଦେଖି ଶତ୍ରୁର ଅପବିତ୍ର ହସ୍ତରୁ ନିଜକୁ ରକ୍ଷା କରିବା ଲାଗି ନିଜ ବକ୍ଷକୁ ଲକ୍ଷ୍ୟ କରି ଗୁଳି ମାଇଲେ । ଏହା ୧୮୫୭ର ଘଟଣା ।

ବୀର ଜନନୀ—

ବିଦୁଲା ଅତି ତେଜସ୍ୱିନୀ ନାରୀ; ତାଙ୍କ ପୁତ୍ର ସଞ୍ଜୟ ସିନ୍ଧୁରାଜାଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ହେବାର ସମ୍ବାଦ ପାଇ ସେ କହିଲେ, ପୁତ୍ର, ତୁ କ୍ଷତ୍ରିୟ ସନ୍ତାନ, ବୀରତ୍ୱ ଦେଖାଇ ନ

ପାରିଲେ ତୋର ମୃତ୍ୟୁ ହିଁ ଶ୍ରେୟସ୍କର । ଯେଉଁ ପୁତ୍ରର ଶୌର୍ଯ୍ୟ ବୀର୍ଯ୍ୟ ନାହିଁ ତାକୁ ମୋର ପୁତ୍ର ବୋଲି କହିବାକୁ ଲଜ୍ଜା ଲାଗେ ।" ମହାଭାରତ ଦ୍ରଷ୍ଟବ୍ୟ ।

ଶ୍ରମର ଗୌରବ—

ଗଜପତି କପିଳେନ୍ଦ୍ର ଦେବ ରାଜକୁମାରଙ୍କ ସହିତ ଜଗନ୍ନାଥ ଦର୍ଶନକୁ ଗଲାବେଳେ ସ୍କନ୍ଧ ଦେଶରୁ ଉତ୍ତରୀୟ ଖସି ପଡ଼ିଲା । କୁମାରମାନେ ଚାକରମାନଙ୍କ ମୁହଁକୁ ଚାହିଁଲେ । ନିଜେ ଉଠାଇ ଆଣି ରାଜାଙ୍କ ହାତରେ ଦେବାକୁ ଲଜ୍ଜା ଲାଗିଲା । ପୁରୁଷୋତ୍ତମ ଦେବ ତଳେ ମାତ୍ର ଲଜ୍ଜା ଅନୁଭବ ନ କରି ପିତାଙ୍କ ହସ୍ତରେ ଉତ୍ତରୀୟଟି ଆଣି ଦେଇଥିଲେ । ଶ୍ରମ ପ୍ରତି ଏ ସମ୍ମାନ ହେତୁରୁ ସେ ଦିନେ ଉତ୍କଳର ରାଜସିଂହାସନ ଆରୋହଣ କରିଥିଲେ ।

ଅପୂର୍ବ ଭକ୍ତି—

ଉତ୍କଳୀୟ ବଣିକ୍‌ଦ୍ୱୟ ପାଞ୍ଚଶତ ଶକଟ ଘେନି ବାଣିଜ୍ୟ ଉଦ୍ଦେଶ୍ୟରେ ଉତ୍ତର ଭାରତକୁ ଯାତ୍ରା କରିବା ସମୟରେ ବୋଧିବୃକ୍ଷ ମୂଳରେ ସମାଧିସ୍ଥ ବୁଦ୍ଧଙ୍କୁ ଭେଟିଲେ । ସେମାନେ ସୁବର୍ଣ୍ଣ ପାତ୍ରରେ ତାଙ୍କୁ ଇକ୍ଷୁ ଓ ମଧୁ ଖାଇବାକୁ ଦେଲେ । ବୁଦ୍ଧ ଉଭୟଙ୍କୁ କଲ୍ୟାଣ କଲେ ।

"ଦଶାଂ ସ୍ୱସ୍ତି କରଂ ଦିବ୍ୟଂ ମାଙ୍ଗଲ୍ୟଂ ସର୍ବାର୍ଥସାଧକମ୍
ଅର୍ଥାବଃ ସମତାଃ ସର୍ବେ ଭବନ୍ତ୍ୱାଶୁ ପ୍ରଦକ୍ଷିଣାଃ
ଶ୍ରୀ ବୋଽସ୍ତୁ ଦକ୍ଷିଣେ ହସ୍ତେ ଶ୍ରୀବୋ ବାମେ ପ୍ରତିଷ୍ଠିତା
ଶ୍ରୀବୋଽସ୍ତୁ ସର୍ବ ଗାତ୍ରେଷୁ ମାଲେବ ଶିରସି ସ୍ଥିତା "

ଲଳିତ ବିସ୍ତର ।

ବୁଦ୍ଧଙ୍କର ଏ ବାଣୀ ଶୁଣି ବଣିକ୍‌ଦ୍ୱୟ 'ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି' କହି ତାଙ୍କ ଚରଣ ତଳେ ଲୋଟିଗଲେ । ସେମାନେ ହେଲେ ବୁଦ୍ଧଙ୍କର ପ୍ରଥମ ଶିଷ୍ୟ ।

ପୁରସ୍କାର—

ଭାରତ ଭ୍ରମଣ ଶେଷ କଲା ପରେ ଚିନ୍ ପରିବ୍ରାଜକ ହୁଏନ୍‌ସାଂ ଯେତେବେଳେ ବିଦାୟ ମାଗିଲେ, ସେତେବେଳେ ଗୁଣମୁଗ୍ଧ ବହୁ ଭାରତୀୟ ରାଜା ତାଙ୍କୁ ହସ୍ତୀ ଅଶ୍ୱ ହୀରା ନୀଳ ମଣି ମାଣିକ୍ୟାଦି ଉପହାର ଦେଇଥିଲେ । ହୁଏନ୍‌ସାଂ କହିଲେ, "ଆପଣମାନଙ୍କ ସ୍ନେହ ମୋର ଶ୍ରେଷ୍ଠ ସମ୍ପଦ । ଧନ ମୋତେ ଶାନ୍ତି ଦେଇ ପାରିବ ନାହିଁ । ବରଂ ପଥରେ ମୋର ବିପଦର କାରଣ ହେବ । ମୋତେ କିଛି ବୌଦ୍ଧ ଗ୍ରନ୍ଥ ଓ ଗୋଟିଏ ବୌଦ୍ଧ ମୂର୍ତ୍ତି ଦିଅନ୍ତୁ । ଚିନ୍‌ର କୌଣସି ନିର୍ଜନ ବିହାରରେ ବସି ମୁଁ ମୋର ଚିନ୍ତାର ସଂସାର ଗଢ଼ିବି ।"

ରକ୍ତ ଦିଅ—

ଧଉଳି ପର୍ବତରେ ଦିନେ ସନ୍ନ୍ୟାସୀ ଉପଗୁପ୍ତ ଧ୍ୟାନସ୍ଥ ଥିଲାବେଳେ କଳିଙ୍ଗବିଜୟୀ ଦୃପ୍ତ ଚଣ୍ଡାଶୋକ ତାଙ୍କୁ ପଚାରିଲେ, "ସନ୍ନ୍ୟାସୀ, ତୁମର କଣ ଦରକାର ? ମୁଁ ଭାରତ ସମ୍ରାଟ; ତୁମେ ଯାହା ଚାହିଁବ, ତା ଦେଇ ପାରିବି ।" ସନ୍ନ୍ୟାସୀ ନମ୍ର ଭାବରେ କହିଲେ, "ମହାରାଜ, ମୋର ବର୍ତ୍ତମାନ କିଛି ଦରକାର ନାହିଁ । ଯଦି କେବେ କିଛି ଅବଶ୍ୟକ ହୁଏ, ମୁଁ ଯାଇ ତୁମ୍ଭଙ୍କଠାରୁ ମାଗି ଆଣିବି । ଦିନେ ଚଣ୍ଡାଶୋକ କ୍ରୀଡ଼ା ଛଳରେ ଇତସ୍ତତଃ ଶର ନିକ୍ଷେପ କରୁ କରୁ ଗୋଟିଏ ଅନାଥ ବାଳକ ଦେହରେ ବାଜିଲା, ରକ୍ତାକ୍ତ ବାଳକକୁ ନେଇ ଉପଗୁପ୍ତ

ଚଣ୍ଡାଶୋକଙ୍କ ନିକଟରେ ପହଞ୍ଚିଲେ ଏବଂ ପୁତ୍ର ନିମିତ୍ତରେ ତାଙ୍କୁ ଏକ ସେର ରକ୍ତ ଦେବାକୁ ଅନୁରୋଧ କଲେ । ବହୁ ରକ୍ତସ୍ରାବ ଫଳରେ ବାଳକର ଆଶୁ ମୃତ୍ୟୁ ଆଶଙ୍କା କରି ତାହା ଦେହରେ ଉକ୍ତ ରକ୍ତ ସଞ୍ଚାର କରିବା ଲାଗି ସେ ମାଗିଥିଲେ । ଚଣ୍ଡାଶୋକ ଏହା ଅନୁରୋଧକୁ ଅତି ସାମାନ୍ୟ ମନେ କରି ସନ୍ନ୍ୟାସୀଙ୍କୁ ଯଥେଷ୍ଟ ରକ୍ତ ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ମନ୍ତ୍ରୀ, ସେନାପତି ବା କୌଣସି ସୈନ୍ୟ ଏହି ରକ୍ତ ଦେବାକୁ ସମ୍ମତ ହେଲେ ନାହିଁ । ଚଣ୍ଡାଶୋକ ନିଜ ବକ୍ଷରେ ଆଘାତ କରିବାକୁ ଉଦ୍ୟତ ହେଲାକ୍ଷଣି ଉପଗୁପ୍ତ କହିଲେ, "ବାଳକ ବର୍ତ୍ତମାନ ମୃତ, ରକ୍ତର ଆଉ କୌଣସି ଆବଶ୍ୟକତା ନାହିଁ ।" ଚଣ୍ଡାଶୋକ ଅନୁତପ୍ତ ହୋଇ କହିଲେ, "ମୋ ଧମନୀର ସମସ୍ତ ରକ୍ତ ମୁଁ ବିଶ୍ୱର ହିତ ଲାଗି ବ୍ୟୟ କରିବ ।" ସେହିଦିନଠାରୁ ଚଣ୍ଡାଶୋକ ଧର୍ମାଶୋକ ହେଲେ ।

ଶ୍ରମିକର ଭଗବାନ୍—

ଭବ ମିଶ୍ର...

ଭୁବନେଶ୍ୱର ଶିରୋମଣି ପ୍ରେସ୍‌ରେ ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମାଙ୍କ ଦ୍ୱାରା ମୁଦ୍ରିତ ।

କବିଙ୍କ ନୂତନ ଅବଦାନ—

ପଲ୍ଲୀ ଝରଣା—ଗାଉଁଲି ଝିଅ ବୋହୂଙ୍କ ଲୁହରେ, ଲେଖା କରୁଣ ମଧୁର ଗୀତ ସଞ୍ଚୟନ ।

ଲଙ୍କାଯାତ୍ରୀ—ସ୍ୱପ୍ନଦ୍ୱୀପ ସିଂହଳର ରୋମାଞ୍ଚକର ଭ୍ରମଣ କାହାଣୀ । ଅନୁଭୂତିର ନିବିଡ଼ ରସରେ ମୂର୍ତ୍ତି ।

ଡାକ୍ ଡମା ଡମ୍ ଡମ୍—ପିଲାମାନେ ପଢୁ ପଢୁ କବିତାଗୁଡ଼ିକ ମୁଖସ୍ଥ ହୋଇଯିବ । ଭାବ, ଭାଷା, ଛନ୍ଦ ସବୁ ଏକାବେଳକେ ନୂଆ ।

ସ୍ମରଣିକା—କବିଙ୍କ ବୃହତ୍ତମ କାବ୍ୟ । ଭାବ ଓ ଭାଷାର କୋଣାର୍କ ।

କଲକଲ୍ଲୋଳ—ସମୁଦ୍ର ଢେଉର କଳଧ୍ୱନି ପରି ମନମୁଗ୍ଧକର ।

ବାଗ୍ରା—ପ୍ରକୃତି ଓ ମାନବର ଅନବଦ୍ୟ ଚିତ୍ର । ଭାଷା ସବଳ, ସରସ, ସଜୀବ ।

କଙ୍କାଳର ଲୁହ—ବନ୍ୟା ପ୍ରପୀଡ଼ିତ ଉତ୍କଳର କରୁଣ କାହାଣୀ ପଢୁ ୨ ଆଖିରୁ ଲୁହ ଝରି ପଡେ ।

ପ୍ରାପ୍ତିସ୍ଥାନ—କଟକର ବଡ ୨ ବହି ଦୋକାନ ।